## ସଂକ୍ଷେପରେ

### ଭାଲୁ କାମୁଡ଼ରେ ବୃଦ୍ଧ ଗୁରୁତର



ପାପଡାହାଣ୍ଡି/ ମଇଦଲପୁର, ୧୬।୬ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମଇଦଲପୁର ଗୋପୀଗୁଡା ଗ୍ରାମର ଲୋଛ ଭତରା ଗୁରୁବାର ଭାଲୁ ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନାନୁଯାୟୀ, ଲୋଛ ଛୋଟାଗୁଡା ନିକଟସ୍ଥ ଏକ ଜଙ୍ଗଲରେ ଗାଈ ଚରାଇବାକୁ ଯାଇଥିଲେ। ହଠାତ୍ ପଛପଟୁ ଏକ ଭାଲୁ ଆସି ତାଙ୍କୁ ଆକ୍ରମଣ କରିଥିଲା। ଏହା ଫଳରେ ତାଙ୍କର ପିଠି ଓ ହାତରେ ଗଭୀର ଆଘାତ ଲାଗିଛି। ଗୁରୁତର ଅବସ୍ଥାରେ ଗାଁ ଲୋକେ ଲୋଛଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପାପଡାହାଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ମଇଦଲପୁର ବନ ବିଭାଗ ଅଧିକାରୀ ଉମାକାନ୍ତ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଛନ୍ତି ।

### ରଥଯାତ୍ରା ପ୍ରସ୍ତୁତି ବୈଠକ

ରାଇଘର,୧୬।୬(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ରାଇଘର ବ୍ଲକ ସଦର ମହକୁମାସ୍ଥିତ କଲ୍ୟାଣ ମଣ୍ଡପରେ ଗୁରୁବାର ରଥଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ବର୍ଷ ଭଳି ଏ ବର୍ଷ ମଧ୍ୟ ଯଥାରୀତି ଶାନ୍ତି ଶୃଙ୍ଖଳା ସହ ରଥଯାତ୍ରା କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ସ୍ଥାନୀୟ ସରପଞ୍ଚ ତଥା ରଥଯାତ୍ରା କମିଟି



ସଭାପତି ଲମ୍ବୋଦର ମାଝିଙ୍କ ସମେତ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ଏବିଡିଓ ବିଜୟ କୁମାର ସେଠୀ, ଅତିରିକ୍ତ ତହସିଲଦାର ଜଗୁ ପୂଜାରୀ, ରାଇଘର ପିଇଓ ଅଜିତ କୁମାର ନନ୍ଦ, ରାଇଘର ଥାନା ଏଏସ୍ଆଇ ଅନସୂୟା ନାୟକ, ଜିଲା ପରିଷଦ ଜୋନ୍-୧ ସଭ୍ୟ ଯତୀନ୍ଦ୍ର ଗଣ୍ଡଙ୍କ ସମେତ ଜଗନ୍ନାଥ ମନ୍ଦିର କମିଟି ସଦସ୍ୟ, ପୂଜାରୀ, ଗ୍ରାମ ମୁଖିଆ ଓ ଖବରଦାତାମାନେ ଉପସ୍ଥିତ ଥିଲେ।

### ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

ପାରଳାଖେମୁଣ୍ଡି,୧୬।୬(ଡି.ଏନ୍.ଏ.)- ଗୋଷାଣୀ ବ୍ଲକ ଗୁରାଣ୍ଡି ଥାନା ଆଙ୍କୁଡି ଗ୍ରାମଠାରେ ବୁଧବାର ବିଳମ୍ବିତ ରାତିରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିଜୟ ପରିଡା (୪୦)। ବିଜୟ ଯୁବରାଜପୁର ଗ୍ରାମରୁ କୌଣସି କାମରେ ଗୁରାଣ୍ଡି ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଗୁରାଣ୍ଡି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ନଂ.୪୮/୨୨ରେ ମାମଲା ରୁଜୁ ହୋଇଥିବା ଗୁରାଣ୍ଡି ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର କହିଛନ୍ତି ।

# ଚିନ୍ତାରେ ପକାଇଛି ବିଳମ୍ବିତ ମୌସୁମୀ, ଅଭାବୀ ଧାନ ବିହନ

ନବରଙ୍ଗପୁର,୧୬।୬(ବି.ପ୍ର.)

ଅଣଜଳସେଚିତ ନବରଙ୍ଗପୁର ଜିଲାର ଚାଷୀଙ୍କୁ ଭରସା ମୌସୁମୀ ବର୍ଷା। ଚଳିତବର୍ଷ ବିଳମ୍ବରେ ପହଞ୍ଚିଛି ମୌସୁମୀ। ଏହାକୁ ନେଇ ଚାଷୀ ଯେତେ ଚିନ୍ତିତ, ତା'ଠାରୁ ବେଶୀ ବ୍ୟଥିତ ଧାନ ବିହନ ଯୋଗାଣକୁ ନେଇ। ଏଯାଏ ଚାଷୀଙ୍କୁ ସରକାରୀ ଧାନ ବିହନ ମିଳିପାରୁନାହିଁ।

ନବରଙ୍ଗପୁର ଜିଲାରେ ଚଳିତବର୍ଷ ଧାନ, ମକା, ଆଖୁ, ଡାଲି, ତୈଳଜାତୀୟ, ମାଣ୍ଡିଆ, ପରିବା ଓ ଅନ୍ୟ କିସମକୁ ନେଇ ୨ ଲକ୍ଷ ୧ ହଜାର ୪୨୧ ହେକ୍ଟର ଜମିରେ ଖରିଫ ଚାଷ ହେବ। ତେବେ ଅଣଧାନ ଚାଷ ବୃଦ୍ଧି କରାଯିବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ରହିଛି। ଚଳିତବର୍ଷ ୯୫ ହଜାର ହେକ୍ଟରରେ ଧାନ, ୧୧ ହଜାର ୫ଶହରେ ଡାଲିଜାତୀୟ, ୧ ହଜାର ତୈଳ ଜାତୀୟ, ପରିବା ୧୬ ହଜାର ୮୬୪ ଓ ଆଖୁ ୫ ହଜାର ହେକ୍ଟର ଜମିରେ ଚାଷ କରାଯିବ। ସେହିଭଳି ଜିଲାରେ ମିଲଟ ମିଶନ ମାଧ୍ୟମରେ ନବରଙ୍ଗପୁର, ପାପଡ଼ାହାଣ୍ଡି, କୋଷାଗୁମୁଡ଼ା, ଉମରକୋଟ ଓ ଝରିଗାଁରେ ଗତବର୍ଷ ମାଣ୍ଡିଆ ଚାଷ ପାଇଁ ପ୍ରୋତ୍ସାହନ ଦିଆଯାଇଛି। ଚଳିତବର୍ଷ ନନ୍ଦାହାଣ୍ଡି, ତେନ୍ତୁଲିଖୁଣ୍ଟି, ଡାବୁଗାଁ ଓ ରାଇଘର ବ୍ଲକରେ ମଧ୍ୟ ମାଣ୍ଡିଆ ଚାଷ କରାଯିବ। ଗତ ବର୍ଷ ୨ ହଜାର ୩୬୭ ହେକ୍ଟର ଜମିରେ ମାଣ୍ଡିଆ ଚାଷ କରାଯାଇଥିବାବେଳେ ଚଳିତବର୍ଷ ଟାର୍ଗେଟ ଏଯାଏ ଆସିନାହିଁ। ନବରଙ୍ଗପୁର ଜିଲାକୁ ୧୭ ହଜାର ୨୫୦ କୁଇଣ୍ଟାଲ ଧାନ ବିହନ ଯୋଗାଣ ନେଇ ଟାର୍ଗେଟ ରହିଛି। ଏଯାଏ ଘରୋଇ ଡିଲରମାନଙ୍କୁ ୧୨୭୪ ଓ ୧୩ଟି ଲ୍ୟାମ୍ପ୍‌ସକୁ ୯୪୪ କୁଇଣ୍ଟାଲ ଧାନ ବିହନ ଯୋଗାଣ ହୋଇ ସାରିଛି। ମୋଟ ୨୨୧୮ କୁଇଣ୍ଟାଲ ଧାନ ବିହନ ଯୋଗାଣ ହୋଇଛି। ଓଡ଼ିଶା ରାଜ୍ୟ ବିହନ ନିଗମ ବିହନ ଯୋଗାଣରେ ବିଳମ୍ବ କରୁଥିବାରୁ ଚାଷୀ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପୂଜା, ୧୦୦୧, ବୀଣା, ଲଲାଟ ଭଳି କିସମ ଧାନ ବିହନକୁ ଚାଷୀ ଅପେକ୍ଷା କରି ବସିଛନ୍ତି। ରିହାତି ପରିବର୍ତ୍ତେ ଧାନ ବିହନ ୧୯୪୦ ଟଙ୍କା ରହିଥିବାବେଳେ ଘରୋଇ ସଂସ୍ଥା ଧାନ ବିହନ ଏହାର ୨ ଗୁଣ ଅଧିକ ହବ। ଏବେ ଚାଷ ସମୟ ହୋଇଥିବାରୁ ଚାଷୀ ବିହନ ଅପେକ୍ଷାରେ ରହିଛି। ସେହିଭଳି ଚଳିତ ବର୍ଷ ୭୪ ହଜାର ୬ଶହ ମେଟ୍ରିକ ଟନ୍ ସାର ଯୋଗାଣ ପାଇଁ ଟାର୍ଗେଟ ରହିଛି। ୟୁରିଆ ୪୩ ହଜାର ମେଟ୍ରିକ ଟନ, ଡିଏପି ୧୬ ହଜାର, ଏମ୍‌ଓପି ୮ହଜାର ମେଟ୍ରିକ ଟନ୍ ସାର ଯୋଗାଣ ହେବ। ୟୁରିଆ ୭ ହଜାର ୫୫୬, ଡିଏପି ୪ ହଜାର ୮୨୫, ଏମ୍‌ପି ୧୩୨୫ ଓ କମ୍ପ୍ଲେକ୍ସ ଖତ ୧୫୬୭ ମେଟିକ ଟନ ଯୋଗାଣ ହୋଇ ପାରିଛି। ଜିଲାରେ ୭୫୦ଟି ସାର ବିକ୍ରୟ କେନ୍ଦ୍ର ସମେତ ୧୩ଟି ଲ୍ୟାମ୍ପ୍‌ସ ଓ ଏଗ୍ରୋ ଇଣ୍ଡଷ୍ଟ୍ରିଜ୍ ଏବଂ ମାର୍କଫେଡ ମାଧ୍ୟମରେ ଚାଷୀ ସାର ପାଇପାରିବେ ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।



ରାୟଗଡ଼ା ଜିଲା ମୁନିଗୁଡା ନିୟମଗିରି ଅଞ୍ଚଳରେ ଯୁବତୀମାନେ ମୌସୁମୀ ବର୍ଷାରେ ଭିଜୁଛନ୍ତି ।

## ଡାକ୍ତରଖାନା ସମସ୍ୟା ନେଇ ସିଡିଏମ୍‌ଓଙ୍କୁ ଭେଟିଲେ ଲୋକ ପ୍ରତିନିଧି



ଭାଜପା ନେତା ଓ ଜନ ପ୍ରତିନିଧିମାନେ ସିଡିଏମ୍‌ଓଙ୍କ ସହ ଆଲୋଚନା କରୁଛନ୍ତି।

ନବରଙ୍ଗପୁର,୧୬।୬(ବି.ପ୍ର.)

ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀସେବା ଅବ୍ୟବସ୍ଥା ହେଉଛି। ଏ ସମ୍ପର୍କରେ ଜିଲା ଭାଜପା ସଦସ୍ୟ ଓ ଜନପ୍ରତିନିଧି ସିଡିଏମ୍‌ଓ କାଳି ପ୍ରସାଦ ବେହେରାଙ୍କ ସହ ଆଲୋଚନା କରିଛନ୍ତି। ବିଶେଷକରି ରାତିରେ ରୋଗୀ ଛଟପଟ ହେଉଥିବାବେଳେ ସ୍ୱାସ୍ଥ୍ୟସେବା ପାଇଁ ବହୁ ସମସ୍ୟା ଭୋଗୁଛନ୍ତି ବୋଲି ଅଭିଯୋଗ କରିଛନ୍ତି ଲୋକ ପ୍ରତିନିଧି।

ବୁଧବାର ରାତି ସାଢ଼େ ୧୧ଟାରେ ଭାଜପା ଯୁବ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଦାଶଙ୍କ ଝିଅ ଦୀପଶିଖା ଦାଶ (୧୩)ଙ୍କ ଭୀଷଣ ପେଟବ୍ୟଥା ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ନାମ ପଞ୍ଜୀକରଣ କରି କାହ୍ନୁ ଏମରଜେନ୍ସି ରୁମରେ ଥିବା ଡାକ୍ତରଙ୍କୁ ଦେଖାଇଲେ। ରୋଗୀଙ୍କ ବୟସ ୧୪ରୁ କମ୍ ହୋଇଥିବାରୁ ତାଙ୍କୁ ଶିଶୁ ରୋଗ ବିଶେଷଜ୍ଞଙ୍କୁ ଦେଖାଇବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ଶିଶୁ ରୋଗ ବିଶେଷଜ୍ଞ ମାତୃ ଓ ଶିଶୁ ବିଭାଗରେ ବସୁଛନ୍ତି। ଏଥିପାଇଁ ୫୦୦ ମିଟର ଦୂରକୁ ଯିବାକୁ ପଡିଥିଲା। ରୋଗୀଙ୍କୁ ଧରି ଦୁଇ ମହଲା ଉପରକୁ ଯିବାକୁ ପଡିଲା। ଡାକ୍ତର ଦେଖିଲା ପରେ ଇଞ୍ଜେକ୍ସନ ଦେବା ପାଇଁ ପୁଣି ନିରାମୟ କାଉଣ୍ଟରକୁ ଯିବାକୁ କହିଲେ। ପ୍ରବଳ ବର୍ଷାରେ ରୋଗୀଙ୍କୁ ଧରି ବହୁ ସମସ୍ୟା ଭୋଗିଥିବା ସିଡିଏମ୍‌ଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ମାତୃ ଓ ଶିଶୁ ଚିକିତ୍ସା ବିଭାଗରେ ଲିଫ୍ଟ ରହିଛି, କିନ୍ତୁ ତାହା କାମ କରୁନାହିଁ। ନିରାମୟ କେନ୍ଦ୍ର ଅପରାହ୍ନ ହେଲେ ବନ୍ଦ କରିଦିଆ ଯାଉଛି। ଏମରଜେନ୍ସି ବିଭାଗ ପାଖରେ ନିରାମୟ କେନ୍ଦ୍ର ଖୋଲା ରଖାଯାଉଛି। ଆଉଟ୍‌ଡୋର ଟିକେଟ ଗୋଟିଏ ବିଲ୍‌ଡିଂରେ, ଡାକ୍ତରଙ୍କୁ ଦେଖେଇବା ପାଇଁ ୫ଶହ ମିଟର ଦୂରତାରେ ଥିବା ୨ ମହଲା କୋଠାକୁ ଯିବାକୁ ପଡୁଛି। ରାତି ହେଲେ ହେଲ୍ପ ଡେସ୍କରେ କେହି ରହୁନାହାନ୍ତି। ସାଧାରଣ ଲୋକ ରାତିରେ ସ୍ୱାସ୍ଥ୍ୟସେବା ପାଇବାରେ ବହୁ କଷ୍ଟ ଭୋଗୁଥିବା ଭାଜପା ନେତାମାନେ ଅଭିଯୋଗ କରିଥିଲେ। ବର୍ଷା ଦିନରେ ଏପରି ଅବ୍ୟବସ୍ଥା ଆଦୌ ଶୋଭନୀୟ ନୁହେଁ ବୋଲି ସେମାନେ ସିଡିଏମ୍‌ଓଙ୍କୁ ଜଣାଇଥିଲେ। ରୋଗୀ ଯେପରି ସମସ୍ୟା ଭୋଗିବେ ନାହିଁ ସେଥିପ୍ରତି ଗୁରୁତ୍ୱ ଦିଆଯିବ ଏବଂ କର୍ମଚାରୀଙ୍କ ଉପସ୍ଥାନ ପାଇଁ ବାୟୋମେଟ୍ରିକ ମେଶିନ ଲଗାଯିବ ବୋଲି ସିଡିଏମ୍‌ଓ କହିଛନ୍ତି। ରାତିରେ ମାତୃ ଓ ଶିଶୁ ବିଭାଗରେ ନିରାମୟ କାଉଣ୍ଟର ଖୋଲାଯିବ ବୋଲି ସିଡିଏମ୍‌ଓ ପ୍ରତିଶ୍ରୁତି ଦେଇଛନ୍ତି। ଏହି ସମୟରେ କାଉନ୍‌ସିଲର ଏ.ସତିଶ, ଅମିତ ପ୍ରଧାନ, ବିନୁ ସୁନା, ନଗରମୋର୍ଚ୍ଚା ସଭାପତି ପିଣ୍ଟୁ ମିଶ୍ର, ସାନୁ ପାଢ଼ୀ, ମୃତ୍ୟୁଞ୍ଜୟ ମହାରଣା ପ୍ରମୁଖ ଆଲୋଚନା କରିଥିଲେ।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅନ୍ୟତ୍ର ସ୍ଥାନାନ୍ତର ନ କରିବାକୁ ଦାବି



ଲୋକ ପ୍ରତିନିଧିମାନେ ଜିଲାପାଳଙ୍କ ସହ ଆଲୋଚନା କରୁଛନ୍ତି।

ନନ୍ଦାହାଣ୍ଡି,୧୬।୬(ଡି.ଏନ୍.ଏ.)

ନନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଯୋଜନା କରାଯାଉଛି। ଡାକ୍ତରଖାନାକୁ ସେଠାରୁ ସ୍ଥାନାନ୍ତର ନ କରିବାକୁ ଗୁରୁବାର ଲୋକ ପ୍ରତିନିଧିମାନେ ନବରଙ୍ଗପୁର ଜିଲାପାଳଙ୍କୁ ଭେଟି ଦାବି ଜଣାଇଛନ୍ତି।

ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାକୁ ଉନ୍ନତ କରିବା ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକୁ ନବୀକରଣ କରି ଆଦର୍ଶ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା ଲାଗି ସରକାରଙ୍କ ପକ୍ଷରୁ ଯୋଜନା କରାଯାଇଛି। ସେଥିପାଇଁ ସର୍ବନିମ୍ନ ୭ ଏକର ଜମି ଆବଶ୍ୟକ ପଡୁଥିବାବେଳେ ଯେଉଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଖରେ ଆବଶ୍ୟକ ସରକାରୀ ଜମି ନାହିଁ, ତାକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବାର ବ୍ୟବସ୍ଥା ରହିଛି। ଏ ବିଷୟରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲାପାଳଙ୍କୁ ଅବଗତ କରାଯାଇଛି। ନନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଖରେ ଆବଶ୍ୟକ ପରିମାଣର ଜମି ନ ଥିବାରୁ ତାହା ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଯୋଜନା କରାଯାଉଛି। ସେଥିପାଇଁ ୧୦ ଦିନ ମଧ୍ୟରେ ଜମି ଚିହ୍ନଟ କରିବାକୁ କୁହାଯାଇଛି । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର ନ କରିବାକୁ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ସୁନୀଲ ସାହୁ, ଜିଲା ପରିଷଦ ସଭ୍ୟ ଅରୁଣ କୁମାର ମିଶ୍ର, ସମିତି ସଭ୍ୟ ଅଭିମନ୍ୟୁ ନାୟକ ପ୍ରମୁଖ ଜିଲାପାଳ ଡ. କମଳଲୋଚନ ମିଶ୍ରଙ୍କୁ ଗୁରୁବାର ଭେଟି ଆଲୋଚନା କରିଛନ୍ତି। ସେଠାରେ ଦୁଇଟି ପୃଥକ୍ ସ୍ଥାନରେ ୪ ଏକର ୩ ଏକର ଜମି ରହିଛି ବୋଲି ସାଂସଦ ପ୍ରତିନିଧି ଜିଲାପାଳଙ୍କୁ ଜଣେଇଛନ୍ତି। ସରକାର ଗାଇଡ୍‌ଲାଇନ୍ ଅନୁଯାୟୀ ୧୦ଦିନ ମଧ୍ୟରେ ୭ ଏକର ଜମି ଦେଖାଇବାକୁ ଜିଲାପାଳ କହିଛନ୍ତି।

## ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ, ସ୍ୱାମୀ ଅଟକ

ଶେରଗଡ଼୧୬।୬(ଡି.ଏନ.ଏ.)

ଶେରଗଡ ଥାନା ଅନ୍ତର୍ଗତ ପଟାପାଲୁଇ ଗ୍ରାମରେ ବୁଧବାର ରାତିରେ ଜଣେ ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ କବିତା ସ୍ୱାଇଁ (୧୯)। ଦୁଇମାସ ତଳେ ବିବାହ କରିଥିବା କବିତାଙ୍କ ମୃତଦେହକୁ ତାଙ୍କ ଶ୍ୱଶୁର ଘରୁ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାକୁ ପଠାଇଛି। ଏ ନେଇ ନଂ.୮୬/୨୨ରେ ମାମଲା ରୁଜୁ ହୋଇଛି। କବିତାଙ୍କୁ ହତ୍ୟା ସନ୍ଦେହରେ ପୋଲିସ ତାଙ୍କ ସ୍ୱାମୀ କାଳୁ ସ୍ୱାଇଁଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଛି। ଗତ ଏପ୍ରିଲ ୪ରେ ଲାଞ୍ଜିଆପଲ୍ଲୀର ସୀମାଞ୍ଚଳ ସ୍ୱାଇଁଙ୍କ ଝିଅ କବିତାଙ୍କ ପଟାପାଲୁଇ ଗ୍ରାମର କାଳୁଙ୍କ ସହ ବିବାହ ହୋଇଥିଲା। ବିବାହ ସମୟରେ ସମସ୍ତ ଜାନିଯୌତୁକ ଦିଆଯାଇଥିଲା। ବିବାହର ମାସକ ପରେ କବିତା ଓ କାଳୁ ପରିବାର ମଧ୍ୟରେ ଗଣ୍ଡଗୋଳ ହେବାରୁ ଶେରଗଡ଼ ଥାନାକୁ କଥା ଯାଇଥିଲା। ଥାନାରେ ଉଭୟ ପରିବାର ମଧ୍ୟରେ ଆପୋଷ ସମାଧାନ ହୋଇଥିଲା। ଦୁଇଦିନ ତଳେ ଝିଅଜୋଇଁ ଘରକୁ ଆସିଥିଲେ। ଫେରିବାର ଗୋଟିଏ ଦିନ ପରେ ଝିଅର ମୃତ୍ୟୁ ହୋଇଛି ବୋଲି କାଳୁଙ୍କ ପରିବାର ପକ୍ଷରୁ ଖବର ଆସିଲା ବୋଲି କବିତାଙ୍କ ବାପା ସୀମାଞ୍ଚଳ କହିଛନ୍ତି। ଝିଅକୁ ତଣ୍ଟି ଚିପି ମାରି ଦିଆଯାଇଥିବା ସେ ଥାନାରେ ଅଭିଯୋଗ କରିଛନ୍ତି। ତଦନ୍ତ ଜାରି ରହିଛି।

## ନାଲ୍‌କୋ କ୍ଲବ ପକ୍ଷରୁ ରଜ ମିଳନ -୨୦୨୨



ଅତିଥି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରୁଛନ୍ତି ।

ଦାମନଯୋଡି,୧୬।୬(ଡି.ଏନ.ଏ.)

ରଜସଂକ୍ରାନ୍ତି ଅବସରରେ ନାଲକୋ କ୍ଲବ ପକ୍ଷରୁ ବୁଧବାର ସନ୍ଧ୍ୟାରେ 'ରଜ ମିଳନ -୨୦୨୨' କାର୍ଯ୍ୟକ୍ରମ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁଶିଲ କୁମାର ପାଢୀ ସପତ୍ନିକ ମୁଖ୍ୟ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପୋଡପିଠା, ଚକୁଳି, ଗୁଗୁନି, ମିଠା ପାନ ସହିତ ଅନ୍ୟ ଓଡ଼ିଆ ବ୍ୟଞ୍ଜନ ଓ ଦୋଳି ଖେଳ ଉତ୍ସବର ଆକର୍ଷଣ ଥିଲା। ଭୁବନେଶ୍ୱରରୁ ଆସିଥିବା ସାଗର ଲେଙ୍କା ଓ ଦିପ୍ତୀରେଖା ପାଢୀଙ୍କ ଟିମ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସପତ୍ନୀକ ନାଲକୋ ସମୂହ ମହାପ୍ରବନ୍ଧକ ଭୀମସେନ ପ୍ରଧାନ,ଅରୁଣ ଦାସ, ବ୍ରଜ କିଶୋର ଦାଶ, ବିକାଶ ପଣ୍ଡା, ପ୍ରମୋଦ ବେହେରା, ସରୋଜ ପଟ୍ଟନାୟକ, ମହମ୍ମଦ ଫରିଦ, ଭାରପ୍ରାପ୍ତ ସମୂହ ମହାପ୍ରବନ୍ଧକ ମଣି ପ୍ରସାଦ ସାମଲ, ହରପ୍ରସାଦ ଦାସ, ମହାପ୍ରବନ୍ଧକ ଅମରେନ୍ଦ୍ର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। କ୍ଲବ ସମ୍ପାଦକ ଦେବାଶିଷ ଛୋଟରାୟ, ଅର୍ଜୁନ ବସୁ, ସିତେନ୍ଦୁ ମହାରଣା, ରଶ୍ମିରଞ୍ଜନ ପଡ଼ିଆରୀ, ରଶ୍ମିରଞ୍ଜନ ସେଠୀ, ସତ୍ୟରଞ୍ଜନ ସାହୁ, ପଙ୍କଜ ଚୌହାନ, ଉତ୍ତମ ପଟ୍ଟନାୟକ, ମନୀଷ ଗୁପ୍ତା, ଅନିରୁଦ୍ଧ ଖୋସଲା, ଚନ୍ଦ୍ରଶେଖର ସେଠ ପ୍ରମୁଖ ପରିଚାଳନା କରିଥିଲେ।

# 'କଂଗ୍ରେସ ପ୍ରତି ଜନସମର୍ଥନ ଦେଖି ଡରୁଛି ଭାଜପା'

ନବରଙ୍ଗପୁର, ୧୬।୬(ବି.ପ୍ର.)

ଅଗଣତାନ୍ତ୍ରିକ ଭାବେ ଇଡି ରାହୁଲ ଗାନ୍ଧୀଙ୍କୁ ଜେରା କରୁଛି ବୋଲି ଜିଲା କଂଗ୍ରେସ ଅଭିଯୋଗ କରିଛି। ଏହାର ପ୍ରତିବାଦରେ ୧୭ ତାରିଖରେ ସ୍ଥାନୀୟ ପୋଷ୍ଟ ଅଫିସ ନିକଟରେ ହରତାଳ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି। କଂଗ୍ରେସ ତଥା ଗାନ୍ଧୀ ପରିବାରକୁ କେନ୍ଦ୍ର ସରକାର ଟାର୍ଗେଟ କରି ଅପମାନିତ କରୁଛନ୍ତି। ରାହୁଲ ଗାନ୍ଧୀଙ୍କୁ ୨୪ ଘଣ୍ଟାରେ ଥରେ ସମନ କରାଯାଇ କେନ୍ଦ୍ର ସରକାର ସଇତାନି ଶାସନ ଚଳାଇଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ଏଆଇସିସି କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ ଚାଲିଥିବାବେଳେ ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶରେ କଂଗ୍ରେସର ବରିଷ୍ଠ ନେତା, ଏମ୍‌ପିଙ୍କ ଉପରେ ପୋଲିସ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲା ବୋଲି ଜିଲା କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳ ସଭାପତି ମୁନା ତ୍ରିପାଠୀ




ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତା।

କହିଛନ୍ତି। ଭାଜପା ଶାସନକୁ ଆସିବା ପରଠାରୁ କଂଗ୍ରେସ ଦଳ ବିରୋଧରେ କାର୍ଯ୍ୟ କରୁଛି। ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରଦାମ ବୃଦ୍ଧି, ବିଭିନ୍ନ ସଂସ୍ଥାର ଘରୋଇକରଣକୁ କଂଗ୍ରେସ ବିରୋଧ କରୁଥିବାରୁ ଭାଜପା କଂଗ୍ରେସ ପ୍ରତି ଏଭଳି ମନୋଭାବ ରହୁଛି ବୋଲି ଜିଲା ସଭାପତି ଅଭିଯୋଗ କରିଛନ୍ତି।

କଂଗ୍ରେସ ପ୍ରତି ଲୋକଙ୍କ ଜନସମର୍ଥନ ବଢ଼ିବା ଦେଖି ଭାଜପା ଭୟଭୀତ ହୋଇ ନିଜ ଦୋଷ ଦୁର୍ବଳତାକୁ ଘୋଡ଼ାଇ ରଖିବା ପାଇଁ ବିନା କାରଣରେ ଆମ ଦଳକୁ ଅପନିନ୍ଦା ଦେବା ଅତି ଦୁର୍ଭାଗ୍ୟଜନକ ବୋଲି ଜିଲା ସଭାପତି ତ୍ରିପାଠୀ କହିଛନ୍ତି। ଇଡି ବିନା କାରଣରେ ରାହୁଲ ଗାନ୍ଧୀଙ୍କୁ କିମ୍ବା ଦଳକୁ ବଦନାମ କରିବାକୁ ଚେଷ୍ଟା କଲେ କଂଗ୍ରେସ ଚୁପ ହୋଇ ବସିବ ନାହିଁ, ନିଶ୍ଚୟ ଆଗାମୀ ଦିନରେ କେନ୍ଦ୍ର ସରକାର ବିରୋଧରେ ଆନ୍ଦୋଳନ ପନ୍ଥା

**କଂଗ୍ରେସର ଖବରଦାତା ସମ୍ମିଳନୀ**

- ଆଜି ପୋଷ୍ଟ ଅଫିସ ନିକଟରେ ହରତାଳ କରିବ ଦଳ
- ରାହୁଲ ଗାନ୍ଧୀଙ୍କୁ ବାରମ୍ବାର ଇଡି ଜେରା କରିବାକୁ ବିରୋଧ

ହାତକୁ ନେବ ବୋଲି ଚେତାବନୀ ଦିଆଯାଇଛି। ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା ଦିଲ୍ଲୀପ ବେହେରା, ପିସିସି ଉପସଭାପତି ସଦନ ନାୟକ, ପୂର୍ବତନ ବିଧାୟକ ଭୁଜବଳ ମାଝି, ବରିଷ୍ଠ ନେତା ସତ୍ୟନାରାୟଣ ତ୍ରିପାଠୀ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ପି.ନାଗ ରତ୍ନମ, ନବନିର୍ବାଚିତ ମଣ୍ଡଳ ସଭାପତି ଭୀମ ପାଣିଗ୍ରାହୀ, ବଂଶୀଧର ମାଝି, ପ୍ରକାଶ ପଣ୍ଡା, ନବକିଶୋର ମନ୍ଦାର, ଦେବକାନ୍ତ ପଣ୍ଡା, ସୁନାମ ପାତ୍ର ସୁନା, ପିସିସି ସଭ୍ୟ ଦିଲ୍ଲୀପ ପ୍ରଧାନି, ନବରଙ୍ଗପୁର ନଗର କଂଗ୍ରେସ ସଭାପତି ପ୍ରଦୀପ ସାହୁ, ସୁନୀଲ ସିଂହ, ବରିଷ୍ଠ ନେତା ବୃନ୍ଦାବନ ତ୍ରିପାଠୀ, ବାସୁଦେବ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

**DHAULI DEVELOPMENT COMMITTEE**

No. 21/DDC Bhubaneswar, Dated the 13.06.2022

**Expression of Interest**

Expression of Interest (EoI) are invited from reputed manpower supply agencies/service providers for providing services of Tollgate - Ticket Assistant & Ticket Helper at Entry Fee Collection Point/Check gate at new parking place at Parabodhi Pond, Dhauli operated by DDC for a period of one year on contract basis.

The detailed information for outsourcing of the above manpower services is mentioned in the tender document which can be available from the Office of Tourist Officer, BBSR-cum-Secy., DDC on payment of Rs.500/- in Cash (Non-refundable) during working hours between 11.30 A.M. to 4.30 P.M. on all official days w.e.f. 18.06.2022.

The tender document must reach to the office of the undersigned on or before 27.06.2022 by 3.00 P.M. through Registered Post/ Speed Post only. The tender documents will be opened on 29.06.2022 at 4.00 P.M. in the Conference Hall of BDO, BBSR. The bidders or their authorized representatives may remian present at the time of opening. The undersigned reserves the right to accept or reject any or all the tender without assigning any reason thereof.

Sd./- Tourist Officer, Bhubaneswar & Secretary, Dhauli Development Committee

# ୨ ରେଳ ପ୍ରକଳ୍ପ ନେଇ ରାଜ୍ୟ ସରକାର ସମସ୍ତ ସହଯୋଗ କରୁଛନ୍ତି: ଡିଆର୍‌ଏମ୍

ଜୟପୁର, ୧୬।୬(ନି.ପ୍ର.)

ବହୁ ପ୍ରତୀକ୍ଷିତ ଜୟପୁର-ନବରଙ୍ଗପୁର ଏବଂ ଜୟପୁର-ମାଲକାନଗିରି ରେଳ ପ୍ରକଳ୍ପ ହେବା ନେଇ ଆଶା ଉଜ୍ଜୀବିତ ହୋଇଛି। ଏହି ଦୁଇ ରେଳ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ସମସ୍ତ ଭିତ୍ତିଭୂମି ଯୋଗାଇବାକୁ ଘୋଷଣା କରିବା ପରେ ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ୱାଲ୍‌ଟିୟର ଡିଭିଜନ ଡିଆର୍‌ଏମ୍ ଅନୁପ କୁମାର ଶତପଥୀ କୋରାପୁଟ ଓ ଜୟପୁର ରେଳ ଷ୍ଟେଶନ ପରିଦର୍ଶନକରି ଫେରିଛନ୍ତି। ଫଳରେ ରେଳ ପ୍ରକଳ୍ପ କାର୍ଯ୍ୟ ଖୁବ୍ ଶୀଘ୍ର ଦ୍ରୁତଗତିରେ ତ୍ୱରାନ୍ୱିତ ହେବ ବୋଲି କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି ଜିଲାବାସୀଙ୍କ ମନରେ ଆଶା ସଞ୍ଚାର ହୋଇଛି ।

ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ପୂର୍ବରୁ ଷ୍ଟେଶନର କେଉଁ ସବୁ ପରିବର୍ତ୍ତନ ହେବ ଏହି ଅବସରରେ ଡିଆର୍‌ଏମ୍ ଶତପଥୀ ଏ ନେଇ ସମୀକ୍ଷା କରିଛନ୍ତି। ଜୟପୁର ଉପଜିଲାପାଳ ବେଦବର ପ୍ରଧାନ ଓ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଅମୂଲ୍ୟ ସାହୁ ଏଡିଏମ୍‌ଙ୍କ ନିକଟରେ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ। ସୂଚନାଯୋଗ୍ୟ, ଜୟପୁର ନବରଙ୍ଗପୁର ଓ ଜୟପୁର-ମାଲକାନଗିରିକୁ ରେଳ ଲାଇନ ସଂଯୋଗୀକରଣ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଘୋଷଣା କରିଥିଲେ। ଏଥିପାଇଁ ରାଜ୍ୟ ସରକାର ସମସ୍ତ ଭିତ୍ତିଭୂମି ଯୋଗାଇ ଦେଇ ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ ଅବସ୍ଥାପିତ କରିଛନ୍ତି। ପ୍ରକଳ୍ପ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ କରାଯାଉଥିବା ଡିଆର୍‌ଏମ୍ କହିଛନ୍ତି । ଏ ସମ୍ପର୍କରେ ଉପଜିଲାପାଳ ପ୍ରଧାନ କହିଛନ୍ତି, ଏହି ଦୁଇ ରେଳ ପ୍ରକଳ୍ପ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସରକାରଙ୍କ ଜମି ଅଧିଗ୍ରହଣ ନିୟମ ଅନୁସାରେ କାର୍ଯ୍ୟ ହେଉଛି। ଯେଉଁ ଲୋକମାନେ ଜମି ହରାଇ କ୍ଷତିଗ୍ରସ୍ତ ହୋଇଛନ୍ତି ସେମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଉଛି। ତେବେ ଏହି ରେଳ ପ୍ରକଳ୍ପ କାର୍ଯ୍ୟ ଦ୍ରୁତ ଗତିରେ କରାଯିବାକୁ ସାଧାରଣରେ ମତ ପ୍ରକାଶ ପାଉଛି।


ଡିଆର୍‌ଏମ୍‌ଙ୍କ ସହ ଉପଜିଲାପାଳ ଆଲୋଚନା କରୁଛନ୍ତି ।

- ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ ଅବସ୍ଥାପିତ ହୋଇଛନ୍ତି
- ଅଧିଗ୍ରହଣ ନିୟମ ଅନୁସାରେ ହେଉଛି ସବୁ କାର୍ଯ୍ୟ
- ଦ୍ରୁତଗତିରେ ପ୍ରକଳ୍ପ କାର୍ଯ୍ୟ ସାରିବାକୁ ପ୍ରକାଶ ପାଉଛି ମତ

## ସଂକ୍ଷେପରେ

### ଚିତ୍ରକୋଣ୍ଡାରେ ମୌସୁମୀ ବର୍ଷା

ଚିତ୍ରକୋଣ୍ଡା,୧୬।୬(ଡି.ଏନ୍.ଏ.)- ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଅଞ୍ଚଳରେ ମୌସୁମୀ ବର୍ଷା ହୋଇଛି। ଫଳରେ ଦୀର୍ଘଦିନ ଧରି ଲାଗି ରହିଥିବା ଗରମ ସାଙ୍ଗକୁ ଗୁଳିଗୁଳିରୁ ଲୋକଙ୍କୁ ଆଶ୍ୱସ୍ତି ମିଳିଛି। ରଜ ସଂକ୍ରାନ୍ତିରେ ସକାଳୁ ସକାଳୁ ଚିତ୍ରକୋଣ୍ଡା ଆକାଶ ମେଘାଚ୍ଛନ୍ନ ହୋଇ ସକାଳ ୯ଟାରୁ ଝିପିଝିପି ବର୍ଷା ଆରମ୍ଭ ହୋଇଯାଇଥିଲା। ଏହା କ୍ରମେ ଜୋରରେ ବର୍ଷିଥିଲା।

### ବିଦେଶୀ ବୋତଲରେ ନକଲି ମଦ ଚାଲାଣ, ଜଣେ ଗିରଫ

ଜୟପୁର, ୧୬।୬ (ନି.ପ୍ର.)-ବିଦେଶୀ ମଦ ବୋତଲରେ ଷ୍ଟିକର ଲଗାଇ ନକଲି ମଦ ଭର୍ତ୍ତି କରି ଚାଲାଣ କରୁଥିବା ବେଳେ ଏହି ସୂଚନା ପାଇ ଜୟପୁର ଅବକାରୀ ବିଭାଗ ଚଢ଼ାଉ କରି ଜଣଙ୍କୁ ଗିରଫ କରିଛି। ସେ ହେଲେ ପୁଟ୍ରା ଗ୍ରାମର ସୁରେନ୍ଦ୍ର ଭୂମିଆ । ତାଙ୍କଠାରୁ ୨୪ଟି ନକଲି ମଦ ଭର୍ତ୍ତି ବୋତଲ ଜବତ ହୋଇଛି। ଏଥିରେ ୪ ଲିଟର ୩୨୦ ମିଲିମିଟର ନକଲି ମଦ ଥିବା ଜଣାପଡ଼ିଛି। ଚଢ଼ାଉରେ ଅବକାରୀ ନିରୀକ୍ଷକ ଦୁର୍ବାଦଳ ବିଶ୍ୱାଳ, ଓଆଇସି ସଞ୍ଜୟ ତାଣ୍ଡି, ଏଏସ୍‌ଆଇ ଏମ୍. ଲକ୍ଷ୍ମଣ ରାଓ, ମାଧବେଶ ମାରାଣ୍ଡି ପ୍ରମୁଖ ସାମିଲ ହୋଇଥିଲେ।

### ଦେଶୀ ମଦ ଚାଲାଣ ବେଳେ ଚଢ଼ାଉ, ଜଣେ ଗିରଫ

ଜୟପୁର, ୧୬।୬ (ନି. ପ୍ର.)- ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ ଚଢ଼ାଉ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ବି ମାଳିଗୁଡ଼ାର ପ୍ରଭାସ ସାହୁ । ଦେଶୀ ମତ ଚାଲାଣ କରୁଥିବା ବେଳେ ଜୟପୁର ଅବକାରୀ ବିଭାଗ ସୂଚନା ପାଇ ଚଢ଼ାଉ କରିଛି । ଚଢ଼ାଉ କରି ପ୍ରଭାସ ସାହୁଙ୍କୁ ଗିରଫକରି ତାଙ୍କଠାରୁ ୧୦ ଲିଟର ଦେଶୀ ମଦ ଜବତ କରିଛି । ଅଭିଯୁକ୍ତ ପ୍ରଭାସଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି । ଏହି ଚଢ଼ାଉରେ ଅବକାରୀ ନିରୀକ୍ଷକ ଦୁର୍ବାଦଳ ବିଶ୍ୱାଳ, ଓଆଇସି ସଞ୍ଜୟ କୁମାର ତାଣ୍ଡି, ଏଏସ୍‌ଆଇ ଏମ୍. ଲକ୍ଷ୍ମଣ ରାଓ, ମାଧବେଶ ମାରାଣ୍ଡି ଚଢ଼ାଉ କରିଥିବା ଜଣାଯାଇଛି ।

### ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

### ୨୪୦ ନେଲେ ଚିକିତ୍ସା ସୁବିଧା

କାଲିମେଲା,୧୬।୬(ଡି.ଏନ.ଏ.)- ମାଲକାନଗିରି ଜିଲା କାଲିମେଳା ବ୍ଲକ ସଦର ମହକୁମାସ୍ଥିତ ବ୍ଲକ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଗୁରୁବାର ଅନୁଷ୍ଠିତ ହୋଇଛି। ବିଡିଓ ଉମା ଶଙ୍କର ଦଲାଇ, ବ୍ଲକ ଉପାଧ୍ୟକ୍ଷ ଲକ୍ଷ୍ମୀଧର ମାଡକାମି ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବ୍ଲକର ୨୩ ଗୋଟି ପଞ୍ଚାୟତରୁ ୧୩ଟି ପଞ୍ଚାୟତର ୨୪୦ ଜଣ ଭିନ୍ନକ୍ଷମ, ମାନସିକ ଭିନ୍ନକ୍ଷମ ଏବଂ ବୃଦ୍ଧାବୃଦ୍ଧ ଯୋଗଦେଇ ଚିକିତ୍ସା ସୁବିଧା ନେଇଥିଲେ। ଜିଲା ଏବଂ ବ୍ଲକସ୍ତରର ବିଭିନ୍ନ ଡାକ୍ତରଖାନାର ଡାକ୍ତରମାନେ ଯୋଗ ଦେଇ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷାକରି ପ୍ରମାଣପତ୍ର ଦେଇଥିଲେ। ଶିବିରକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦେଶା କାମରାମ ପରିଚାଳନା କରିଥିଲେ। କାଲିମେଲା ସରପଞ୍ଚ ପୃଥୀରାଜ ମାଝୀ, ତେଳରାଇ ସରପଞ୍ଚ ମୁତା ସୋଡ଼ିଙ୍କ ସମତେ ଅନ୍ୟମାନେ ଉପସ୍ଥିତ ଥିଲେ।

# 'ହଜାରେ ଜହ୍ନରାତିର ପ୍ରେମିକା' ପାଇଁ ରଶ୍ମିତାଙ୍କୁ ଅନ୍ତର୍ଜାତୀୟ ପୁରସ୍କାର

ଦାମନଯୋଡ଼ି,୧୬।୬(ଡି.ଏନ୍.ଏ.)

ଇଙ୍କ୍ ଡିଉ ଜାତୀୟ ସାହିତ୍ୟ ମହୋତ୍ସବ ଦାମନଯୋଡ଼ିସ୍ଥିତ ମୁକ୍ତବାୟୁ ରଙ୍ଗମଞ୍ଚଠାରେ ଜୁନ୍ ୧୧ରୁ୧୩ ପର୍ଯ୍ୟନ୍ତ ପାଳିତ ହୋଇଥିଲା। ଉତ୍ସବରେ ଦେଶ ବିଦେଶରୁ ଅନେକ କବି, ଆଲୋଚକ ଓ ସାହିତ୍ୟପ୍ରେମୀ ଯୋଗଦେଇଥିଲେ। ଏହି ଅବସରରେ ଦାମନଯୋଡ଼ିର କବି ରଶ୍ମିତା ବାରିକଙ୍କୁ ତାଙ୍କ କବିତା ପୁସ୍ତକ 'ହଜାରେ ଜହ୍ନରାତିର ପ୍ରେମିକା' ପାଇଁ ଅନ୍ତର୍ଜାତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି ରୂପେ ଯୋଗଦେଇ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଭୂଦାନ କର୍ମୀ କୃଷ୍ଣ ସିଂହ, ଇଙ୍କ୍ ଡିଉର ପ୍ରତିଷ୍ଠାତା ଡ. ମନୋଜ କିଶୋର ନାୟକ ଏହି ସମୟରେ ଉପସ୍ଥିତ ଥିଲେ। ତାଙ୍କର ଏହି କବିତା ପୁସ୍ତକ ବ୍ୟତୀତ ୱାର୍ଡସ ଅଫ୍ ଦି ୱାର୍ଲଡ, ଗ୍ଲୋରିଅସ ଇଣ୍ଡିଆ ନାମରେ ଆଉ ଦୁଇଟି ମିଳିତ କବିତା ପୁସ୍ତକ ରହିଛି।

# ପାନୀୟ ଜଳ ସମସ୍ୟା ନେଇ ପଞ୍ଚାୟତ କାର୍ଯ୍ୟାଳୟ ଘେରିଲେ ଗ୍ରାମବାସୀ


ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

ଦଶମନ୍ତପୁର,୧୬।୬(ଡି.ଏନ୍.ଏ.)

ପାନୀୟ ଜଳ ସମସ୍ୟା ନେଇ ଦଶମନ୍ତପୁର ବ୍ଲକ ନନ୍ଦିଗାଁ ପଞ୍ଚାୟତର ପରଜା ସୁଜୁଲି ଗ୍ରାମବାସୀ ଗୁରୁବାର ପଞ୍ଚାୟତ କାର୍ଯ୍ୟାଳୟ ଘେରିଛନ୍ତି। ଗ୍ରାମରେ ଥିବା ୩ ନଳକୂଅ ଦୀର୍ଘଦିନ ହେଲା ଅଚଳ ହୋଇପଡ଼ିଛି। ବାରମ୍ବାର ବିଭାଗୀୟ ଅଧିକାରୀଙ୍କଠାରୁ ଆରମ୍ଭକରି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) କାର୍ତ୍ତିକ ଚୌଧୁରୀଙ୍କୁ ପାଣି ସମସ୍ୟା ଜଣାଇ କିଛି ସୁଫଳ ନ ମିଳିବାରୁ ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏନେଇ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ଏବେ ଗ୍ରାମବାସୀ ଗ୍ରାମ ନିକଟସ୍ଥ ନାଳରୁ ପାଣି ସଂଗ୍ରହକରି ଚଳୁଥିବା ପ୍ରକାଶ କରିଛନ୍ତି। ୫ଦିନ ମଧ୍ୟରେ ଗ୍ରାମର ପାଣି ସମସ୍ୟା ଦୂର କରାଯିବ ବୋଲି ପିଇଓ ଚୌଧୁରୀ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ, ପରଜା ସୁଜୁଲି ଗ୍ରାମରେ ପରଜା ସମ୍ପ୍ରଦାୟର ୮୦ ପରିବାର ବସବାସ କରନ୍ତି। ଗ୍ରାମରେ ଜନସଂଖ୍ୟା ୪୦୦ରୁ ଅଧିକ ରହିଛି। ହେଲେ ଜନସଂଖ୍ୟା ତୁଳନାରେ ଗ୍ରାମରେ ଆବଶ୍ୟକ ନଳକୂଅ ନାହିଁ। ଗତ ୪ ବର୍ଷ ତଳେ ଜଳ ଓ ପରିମଳ ମିଶନ ବିଭାଗ ପକ୍ଷରୁ ବସୁଧା ଯୋଜନାରେ ଏକ ପାନୀୟ ଜଳ ପ୍ରକଳ୍ପ କରାଯାଇଥିଲେ ସୁଦ୍ଧା ଏଥିରୁ ସୁଫଳ ମିଳି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପାନୀୟ ଜଳ ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ସେମାନେ ପ୍ରକାଶ କରିଛନ୍ତି।

# ଅଣସର ଘରେ ତିନିଠାକୁର, ଶ୍ରଦ୍ଧାଳୁ ପୂଜା କରୁଛନ୍ତି ପଟ୍ଟଚିତ୍ର

କୋରାପୁଟ,୧୬।୬(ସ୍ୱ.ପ୍ର.)

ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗରା ଜଳରେ ସ୍ନାନକରି ଜ୍ୱରରେ ଆକ୍ରାନ୍ତ ହୋଇ ଏବେ ଅଣସର ଘରେ ଅଛନ୍ତି ତିନିଠାକୁର। କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ତିନିଠାକୁରଙ୍କର ଆଦିବାସୀ ବୈଦ୍ୟ ଶବର ସେବକ ଅପରକଣ୍ଡୋପଲ୍ଲୀ ଗ୍ରାମର ରାମ ଗେମେଲ ପାରମ୍ପରିକ ଚିକିତ୍ସା କରୁଛନ୍ତି। ଶ୍ରଦ୍ଧାଳୁମାନେ ମନ୍ଦିର ମୁଖ୍ୟ ଫାଟକରେ ଠାକୁରଙ୍କ ପଟ୍ଟଚିତ୍ରକୁ ଦର୍ଶନକରି ଫେରୁଛନ୍ତି। ମନ୍ଦିର ମୁଖ୍ୟ ଫାଟକଠାରେ ଠାକୁରଙ୍କ ପଟ୍ଟଚିତ୍ର ରଖାଯାଇଛି। ଆସନ୍ତା ନେତ୍ର ଉତ୍ସବରେ ତିନିଠାକୁର ସମ୍ପୂର୍ଣ୍ଣ ସୁସ୍ଥ ହେବେ। ଏହିଦିନ ନେତ୍ର ଉତ୍ସବ ପାଳନ ହେବ ବୋଲି ମନ୍ଦିର ପରିଚାଳନା କମିଟି ସମ୍ପାଦକ ଡ. ଜଗବନ୍ଧୁ ସାମଲ କହିଛନ୍ତି। ଅନ୍ୟପକ୍ଷରେ ଜୁଲାଇ ପହିଲାରେ ହେବାକୁ ଥିବା ରଥଯାତ୍ରା ପାଇଁ ୩ ରଥରେ ରଙ୍ଗକାମ ଆରମ୍ଭ ହୋଇଛି।


ପୂଜା ପାଉଥିବା ପଟ୍ଟଚିତ୍ର।

### ମୋବାଇଲ ଚୋର ଗିରଫ

ମାଲକାନଗିରି, ୧୬।୬ (ଡି.ଏନ.ଏ.)



ମାଲକାନଗିରି ପୋଲିସ ଗୁରୁବାର ଜଣେ ମୋବାଇଲ ଫୋନ ଚୋରଙ୍କୁ ଗିରଫ କରିଛି। ତାଙ୍କ ନାମ ଆଶୁତୋଷ ବିଶ୍ୱାସ। ମାଲକାନଗିରରେ ମୋବାଇଲ ଦୋକାନ ଓ ଲୋକଙ୍କଠାରୁ ମୋବାଇଲ ଚୋରି ନେଇ ଅଭିଯୋଗ ମିଳିବା ପରେ ପୋଲିସ ଏହାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ଆଶୁତୋଷଙ୍କ ସମ୍ପୃକ୍ତି ଜଣାପଡିବା ପରେ ତାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ତାଙ୍କ ନିକଟରୁ ଅନେକ ମୋବାଇଲ ଫୋନ ଜବତ ହୋଇଛି।

### ଦେଶୀ ମଦ ଚାଲାଣ ବେଳେ ଜଣେ ଗିରଫ

ଜୟପୁର, ୧୬।୬ (ନି.ପ୍ର.)

ଦେଶୀ ମଦ ଚୋରାଚାଲାଣ କରୁଥିବା ବେଳେ ଜଣେ ବ୍ୟକ୍ତି ଧରାପଡିଛନ୍ତି। ସେ ହେଲେ ବି.ମାଳିଗୁଡାର ପ୍ରଭାସ ସାହୁ। ସେ ଦେଶୀ ମଦ ଚାଲାଣ କରୁଥିବା ସୂନା ପାଇ ଜୟପୁର ଅବକାରୀ ବିଭାଗ ଚଢାଉ କରି ତାଙ୍କୁ ଧରିଥିଲା। ତାଙ୍କଠାରୁ ୧୦ ଲିଟର ଦେଶୀ ମଦ ଜବତ ହୋଇଛି। ଚଢାଉରେ ଅବକାରୀ ନିରୀକ୍ଷକ ଦୁର୍ବାଦଳ ବିଶ୍ୱାଳ, ଓଆଇସି ସଞ୍ଜୟ ତାଣ୍ଡି, ଏଏସଆଇ ଏମ. ଲକ୍ଷ୍ମଣ ରାଓ, ମାଧବେଶ ମାରାଣ୍ଡିଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ।

### ଜିଲା ଯୋଗାଣ ଅଧିକାରୀଙ୍କୁ ଭେଟିଲେ ଚାଷୀ

ଜୟପୁର, ୧୬।୬ (ନି.ପ୍ର.)

ଜୟପୁର ବ୍ଲକ ଅନ୍ତର୍ଗତ ଫାମ୍ପୁଣି ଚାଷୀ ଗୁରୁବାର ଜିଲା ଯୋଗାଣ ଅଧିକାରୀଙ୍କୁ ଭେଟିଛନ୍ତି। ଏହି ଅବସରରେ ସେମାନେ ଏକ ଦାବିପତ୍ର ଯୋଗାଣ ଅଧିକାରୀଙ୍କୁ ଦେଇଛନ୍ତି। ସେମାନଙ୍କ ନିକଟରେ ୩୫ ହଜାର କୁଇଣ୍ଟାଲ ଧାନ ଗଚ୍ଛିତ ରହିଛି। ଏହାକୁ ତୁରନ୍ତ ଯୋଗାଣ ବିଭାଗ ମଣ୍ଡିରୁ ଉଠାଇବାକୁ ଚାଷୀମାନେ ଦାବି କରିଥିଲେ। ଉଗ୍ରେସନ ମଣ୍ଡଳ, ବୃନ୍ଦାବନ ପ୍ରଧାନଙ୍କ ସମେତ ଅନ୍ୟଚାଷୀମାନେ ଉପସ୍ଥିତ ଥିଲେ।

# ପାନୀୟଜଳ ସମସ୍ୟା ସମାଧାନ ଦାବିକଲା ଲୋକ ବିକାଶ ମଞ୍ଚ

ଜୟପୁର, ୧୬।୬ (ନି.ପ୍ର.)

କୋରାପୁଟ ଲୋକ ବିକାଶ ମଞ୍ଚ ପକ୍ଷରୁ ଜୟପୁର ବ୍ଲକର ପାନୀୟ ଜଳ ନେଇ ରହିଥିବା ସମସ୍ୟା ସମାଧାନ କରିବାକୁ ଦାବି କରାଯାଇଛି। ବ୍ଲକ ଅଧୀନରେ ଥିବା ୧୩ ପଞ୍ଚାୟତରେ ଏହି ସମସ୍ୟା ରହିଛି । ଏନେଇ ଜୟପୁର ବିଡିଓଙ୍କୁ ମଞ୍ଚ ଏକ ଦାବିପତ୍ର ଦେଇଛି। ଏଥିସହ ବ୍ଲକ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର କନିଷ୍ଠ ଯନ୍ତ୍ରୀ ରଞ୍ଜିତାରାଣୀ ପଣ୍ଡାଙ୍କୁ ମଧ୍ୟ ଦାବିପତ୍ରର ନକଲ ପ୍ରଦାନ କରାଯାଇଛି। ଚଳିତ ଗ୍ରୀଷ୍ମ ପ୍ରବାହରେ ଜୟପୁର ବ୍ଲକର ବହୁ ଗ୍ରାମରେ ପାନୀୟ ଜଳ ପାଇଁ ଲୋକେ ତହଲବିକଳ ହେଉଛନ୍ତି। କେଉଁଠି ନଳକୂପ ଅଚଳ ତ କେଉଁଠି ନଳକୂପରୁ ପାଣି ବାହାରୁନାହିଁ। ପାଣି ମୁନ୍ଦେ ପାଇଁ ୩ ଶହରୁ ୪ ଶହ ମିଟର ଦୂର ଖରାରେ ଯାଇ ପାଣି ଆଣୁଛନ୍ତି। ଏହାକୁ ଗୁରୁତ୍ୱ ଦେଇ ବ୍ଲକ ପ୍ରଶାସନ ସମସ୍ତ ଗ୍ରାମକୁ ପାନୀୟ ଜଳ ଯୋଗାଣ ନେଇ ବ୍ୟବସ୍ଥା କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ବେଳେ ଗୋକୁଳ ଚନ୍ଦ୍ର ବେହେରା, ଭୀମ ପୂଜାରୀ, ଚନ୍ଦ୍ର ପୂଜାରୀ, ସୁନାଧର ପୂଜାରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।


ଲୋକ ବିକାଶ ମଞ୍ଚ କର୍ମକର୍ତ୍ତା ଡବ୍ଲ୍ୟୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀଙ୍କୁ ଦାବିପତ୍ର ଦେଉଛନ୍ତି।

# ଲୁଣ ବୋଝେଇ ଟ୍ରକ୍‌ରେ ଗଞ୍ଜେଇ ଚାଲାଣ



ଜବତ ହୋଇଥିବା ଲୁଣ ବୋଝେଇ ଗଞ୍ଜେଇ ଟ୍ରକ୍।

ଚିତ୍ରକୋଣ୍ଡା,୧୬।୬(ଡି.ଏନ.ଏ.)

**୫୨୩ କେଜି ୪୪୦ ଗ୍ରାମ ଗଞ୍ଜେଇ ଜବତ, ଜଣେ ଗିରଫ**

ଆନ୍ଧ୍ର ପ୍ରଦେଶର ଦାରାକୋଣ୍ଡା ଅଞ୍ଚଳରୁ ଛତିଶଗଡ଼ର ରାୟପୁରକୁ ଏକ ଲୁଣ ବୋଝେଇ ଟ୍ରକ୍‌ରେ ଗଞ୍ଜେଇ ଚାଲାଣ କରାଯାଉଥିବ ବେଳେ ଧରାପଡ଼ିଛି। ଏନେଇ ଏସ୍‌ଡିପିଓ ଅଂଶୁମାନ ଦ୍ୱିବେଦୀ କହିଛନ୍ତି, ବୁଧବାର ରାତିରେ ପାଟ୍ରୋଲିଂ ବେଳେ ରାଜଲକୋଣ୍ଡା ଛକଠାରେ ପୋଲିସ ଏହି ଟ୍ରକ୍ (ଓଡି ୦୭ ଏଲ୍-୯୧୭୪)କୁ ଅଟକାଇ ଯାଞ୍ଚ କରିଥିଲା। ତଲାସି ବେଳେ ଟ୍ରକ୍ ଡାଲାରେ ୨୧ଟି ଜରି ବସ୍ତାରେ ଥିବା ଗଞ୍ଜେଇ ମିଳିଥିଲା । ପୋଲିସ ଏହାକୁ ଜବତକରି ଜଣକୁ ଗିରଫ କରିଛି। ସେ ହେଲେ ଗଞ୍ଜାମ ଜିଲା ବଡ଼ଗଡ଼ ଥାନା ଅନ୍ତର୍ଗତ କରଡ଼ାକଣା ଗ୍ରାମର ବିପ୍ରଚରଣ ପାଣିଗ୍ରାହୀଙ୍କ ପୁଅ ମିଥୁନ ପାଣିଗ୍ରାହୀ। ଜବତ ଗଞ୍ଜେଇର ପରିମାଣ ୫୨୩ କେଜି ୪୪୦ ଗ୍ରାମ ବୋଲି ଜଣାପଡ଼ିଛି।

# ବିପର୍ଯ୍ୟସ୍ତ ପରିବେଶ ବଢ଼ାଉଛି ଡେଙ୍ଗୁ ,ମ୍ୟାଲେରିଆ ଚିନ୍ତା

ବୈପାରିଗୁଡ଼ା,୧୬।୬(ଡି.ଏନ୍.ଏ.)

- ୧୦ବର୍ଷ ହେଲା ପାଣିଟାଙ୍କି ସଫା ହୋଇନି
- ପାଇପ୍ ଫାଟି ପାଣି ଜମି ସୃଷ୍ଟି କରିଛି ନର୍ଦ୍ଦମା
- ଏନେଇ ଫଣ୍ଡ ନାହିଁ: ସରପଞ୍ଚ

୧୦ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଥିବା ବୈପାରିଗୁଡ଼ା ବ୍ଲକ ସଦର ମହକୁମାର ପରିବେଶ ପ୍ରତି ଆଦୌ ଗୁରୁତ୍ୱାରୋପ କରାଯାଉନାହିଁ। ପାଇପ୍ ଯୋଗେ ପାନୀୟ ଜଳ ବ୍ୟବସ୍ଥା ଅଛି। ମାତ୍ର ୧୦ ବର୍ଷ ହେଲା ଏହି ୧ ଲକ୍ଷ ଲିଟର କ୍ଷମତା ସମ୍ପନ୍ନ ସିମେଣ୍ଟ ଟାଙ୍କି କେବେ ମଧ୍ୟ ସଫା ହୋଇନାହିଁ। ପାଇପ୍ ପାଣି ଛାଡ଼ିବା ପାଇଁ ଯେଉଁସବୁ ଜାଗାରେ କଣ୍ଟ୍ରୋଲ ଚାମ୍ବର ରହିଛି ତା' ଉପରେ ଢାଙ୍କୁଣି ନାହିଁ। ପାଇପ୍ ଫାଟିଲେ ମରାମତି ହେଉନାହିଁ । ସ୍ଥାନୀୟ ଲ୍ୟାମ୍ପସ ଅଫିସ୍ ସମ୍ମୁଖରେ ପାଇପ୍ ଫାଟି ଦିନରାତି ପାଣି ଜମି ନର୍ଦ୍ଦମା ସୃଷ୍ଟି ହେଉଛି। ସେହିପରି କୂଅଗୁଡ଼ିକରେ ମଧ୍ୟ ବ୍ଲିଚିଂ ପାଉଡର ପଡୁନାହିଁ । ଫଳରେ ଅପରିଷ୍କାର ପାଣି ପିଇ ଲୋକେ ଜଣ୍ଡିସ୍ ଅଥବା ଅନ୍ୟାନ୍ୟ ପେଟରୋଗରେ ଆକ୍ରାନ୍ତ ହେଉଛନ୍ତି। ରାସ୍ତାକଡ଼ରେ ଥିବା ଡ୍ରେନ୍ ଆଦୌ ସଫା ହେଉ ନ ଥିବାରୁ ଆବର୍ଜନା ଜମି ରହି ମଶାବଂଶ ବୃଦ୍ଧିପାଉଛି। ଏଥିଯୋଗୁ ବୈପାରିଗୁଡ଼ାର ବହୁ ଲୋକ ଡେଙ୍ଗୁ, ମ୍ୟାଲେରିଆରେ ଆକ୍ରାନ୍ତ ହେଉଥିବା ଜଣାପଡ଼ିଛି। ବୈପାରିଗୁଡ଼ା ଏକ ପ୍ରମୁଖ ଛକ ସ୍ଥାନ ହୋଇଥିବାରୁ ପ୍ରତିଦିନ ଏଠାକୁ ବହୁ ସଂଖ୍ୟକ ଲୋକ ବାହାରୁ ଆସୁଛନ୍ତି। ରାସ୍ତାଘାଟ ଓ ଜନଗହଳିପୂର୍ଣ୍ଣ ଅଞ୍ଚଳ ଦୃଷ୍ଟିରୁ ପ୍ରତି ମାସରେ ଅନ୍ତତଃ ଥରେ ବିଶୋଧନ କରିବାକୁ ପ୍ରଶାସନ ଭୁଲିଯାଇଛି। ତୁରନ୍ତ ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ସରପଞ୍ଚ ସୂର୍ଯ୍ୟମଣି ନାୟକଙ୍କୁ ପଚାରିବାରୁ ଏଥିପାଇଁ ଫଣ୍ଡ ନ ଥିବା ସେ କହିଥିଲେ ।


ଆଦୌ ବିଶୋଧନ ହେଉ ନ ଥିବା ପାଣିଟାଙ୍କି।

# ଧାନ ବିକ୍ରିରେ ବାଧକ ମିଲର୍ସ, ପ୍ରଶାସନ

କୁନ୍ଦୁରା,୧୬।୬ (ଡି.ଏନ୍.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକରେ ରବିଧାନ ବିକ୍ରି କରିବା ନେଇ ମଣ୍ଡି ଆରମ୍ଭ ହୋଇଛି। ଅଥଚ ଏଠାରେ ଧାନ ବିକ୍ରିରେ ବାଧକ ସାଜିଛନ୍ତି ମିଲର୍ସ ଏବଂ ପ୍ରଶାସନ। ସରକାରୀ ନିୟମ ଅନୁସାରେ ୧ କୁଇଣ୍ଟାଲ ଧାନର ମୂଲ୍ୟ ୧୯୪୦ ଟଙ୍କା ରହିଛି। ମାତ୍ର ଚାଷୀ ଏହି ମୂଲ୍ୟ ପାଉନାହାନ୍ତି। ପ୍ରଶାସନ ଜାଣତରେ ମିଲର୍ସମାନେ ମଣ୍ଡିରେ ହସ୍ତକ୍ଷେପ କରି ବିଭିନ୍ନ ଆଳରେ ଚାଷୀଙ୍କଠାରୁ ୮/୯ କେଜି ଧାନ କାଟି କିଣୁଥିବା ଅଭିଯୋଗ ହେଉଛି। ପ୍ରତିବର୍ଷ ଏହି ସମସ୍ୟା ଲାଗି ରହିଥିଲେ ମଧ୍ୟ ପ୍ରଶାସନ କୌଣସି ଦୃଢ଼ ପଦକ୍ଷେପ ନେଉନାହିଁ। ଏନେଇ କେତେଜଣ ଚାଷୀ ଜିଲାପାଳଙ୍କ ସ୍ୱତନ୍ତ୍ର ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ତୁହାକୁ ତୁହା ବର୍ଷା ଚାଷୀଙ୍କୁ ବିଚଳିତ କରିଛି। ଅସ୍ଥାୟୀ ମଣ୍ଡି ସ୍ଥଳରେ ରଖିଥିବା ଧାନର ସୁରକ୍ଷା ନେଇ ସେମାନେ ଚିନ୍ତାରେ ପଡ଼ିଛନ୍ତି। କୁନ୍ଦୁରା ବ୍ଲକରେ ରବି ଧାନ କ୍ରୟ କରିବା ନିମନ୍ତେ ଗଞ୍ଜାମ ଜିଲା ବ୍ରହ୍ମପୁରର ୧୨ ମିଲରଙ୍କୁ ନିୟୋଜିତ କରାଯାଇଛି। ଏଥିସହ ସ୍ଥାନୀୟ ଅଞ୍ଚଳର ୨୧ ମିଲର ନିୟୋଜିତ ହୋଇଛନ୍ତି। କିନ୍ତୁ ଗଞ୍ଜାମ ଜିଲାର କୌଣସି ମିଲରଙ୍କୁ ଏନେଇ କିଛି ନିର୍ଦ୍ଦେଶ ମିଳି ନ ଥିବାରୁ ସେମାନେ ମଣ୍ଡିରେ ସାମିଲ ହୋଇନାହାନ୍ତି। ଆଗକୁ ବର୍ଷା ସମ୍ଭାବନା ଥିବାରୁ ତୁରନ୍ତ ମଣ୍ଡିରୁ ଧାନ ଉଠାଇବାକୁ ଚାଷୀ ଦାବି କରିଛନ୍ତି। ଏନେଇ ଜିଲା ଯୋଗାଣ ଅଧିକାରୀଙ୍କୁ ପଚାରିବାରୁ ସେ କହିଲେ, ତୁରନ୍ତ ମଣ୍ଡିରୁ ଧାନ ଉଠିବା ବ୍ୟବସ୍ଥା କରାଯିବ।


ମଣ୍ଡିରେ ପଡ଼ି ରହିଥିବା ଧାନ।

- ଚାଷୀଙ୍କଠାରୁ ୮/୯ କେଜି ଧାନ କାଟି କିଣୁଛନ୍ତି ମିଲର୍ସ
- ତୁହାକୁ ତୁହା ବର୍ଷା ଚାଷୀଙ୍କୁ ବିଚଳିତ କରୁଛି
- ତୁରନ୍ତ ଧାନ ଉଠିବା ବ୍ୟବସ୍ଥା ହେବ: ଉପଜିଲାପାଳ

**ସଂକ୍ଷେପରେ**

## ବର୍ଷାରେ ଉବୁଟୁବୁ ଜି.ଉଦୟଗିରି ସହର

ଜି.ଉଦୟଗିରି,୧୬।୬(ଡି.ଏନ.ଏ.)- ଜି.ଉଦୟଗିରିରେ ଗୁରୁବାର ମଧାହ୍ନରେ ପ୍ରାୟ ଦୁଇ ଘଣ୍ଟା ପ୍ରବଳ ବର୍ଷା ହୋଇଥିଲା। ଫଳରେ ତଳି ଅଞ୍ଚଳ, ଡ୍ରେନେଜ ବ୍ୟବସ୍ଥା ନଥିବା ଅଞ୍ଚଳରେ ବର୍ଷା ପାଣିରେ ଉବୁଟୁବୁ ହୋଇଥିଲା। ଡ୍ରେନେଜ ବ୍ୟବସ୍ଥା ନଥିବା ଇଲେକ୍ଟ୍ରି ଅଫିସ ଛକରେ ରାସ୍ତା ଉପରେ ଆଣ୍ଠୁଏ ପାଣି ଜମି ରହିଥିଲା। ବହୁ ଘରେ ପାଣି ପସିବା ଫଳରେ ଲୋକେ ନାହିଁ ନଥିବା ହଇରାଣ ହୋଇଛନ୍ତି। ଦୀର୍ଘ ବର୍ଷ ହେଲା ଏହିଭଳି ସମସ୍ୟା ରହୁଥିଲେ ମଧ ଏନଏସି କାହିଁକି ଡ୍ରେନେଜ ବ୍ୟବସ୍ଥା କରୁନି ତାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡଙ୍ଗୀ ସମସ୍ୟା ବୁଲି ଦେଖିବା ସହିତ ଯଥାସମ୍ଭବ ସାହାଯ୍ୟ କରିବା ସହିତ ଆଗକୁ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଦୁଇ ଘଣ୍ଟାରେ ୧୮ ମିଲିମିଟର ବର୍ଷା ହୋଇଥିବା ଓ ଇଲେକ୍ଟ୍ରି ଛକ ଅଞ୍ଚଳରେ ଡ୍ରେନେଜ ବ୍ୟବସ୍ଥା ଠିକ ନଥିବା ଯୋଗୁ ଏପରି ଅବସ୍ଥା ହୋଇଥିବା ଭାଜପା ନେତା ଉଦେଶନ ପ୍ରଧାନ କହିଛନ୍ତି।

## ପଡ଼ିଆରୁ ରାଜମିସ୍ତ୍ରିଙ୍କ ମୃତଦେହ ଜବତ

ଆସିକା,୧୬।୬(ଡି.ଏନ୍.ଏ.)- ଆସିକା ଥାନା ଘଟକୁରୀ ଗ୍ରାମ ସଂଲଗ୍ନ ଲେଙ୍ଗାତୋଟା ପଡିଆରୁ ଗୁରୁବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରାଯାଇଛି। ସେ ହେଲେ ଘଟକୁରୀ ନିକଟସ୍ଥ ଖାରିଆ ଗ୍ରାମର ଶିବରାମ ଜେନା (୫୦)। ମୃତଦେହକୁ ପୋଲିସ ଆସିକା ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇବା ପରେ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ଆସିକା ଥାନାରେ ନଂ.୧୬/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। କେଉଁ ପରିସ୍ଥିତିରେ ଶିବରାମଙ୍କ ମୃତ୍ୟୁ ଘଟିଲା ତାହା ସ୍ପଷ୍ଟ ହୋଇନାହିଁ। ଅନ୍ୟପକ୍ଷରେ ଶିବରାମଙ୍କ ମୃତ୍ୟୁ ଅଂଶୁଘାତଜନିତ ବୋଲି ତାଙ୍କ ସ୍ତ୍ରୀ ବାସନ୍ତୀ ଲେଙ୍କା ଆସିକା ଥାନାରେ ଅଭିଯୋଗ କରିଛନ୍ତି। ରାଜମିସ୍ତ୍ରି ଭାବେ କାମ କରୁଥିବା ଶିବରାମ ମଙ୍ଗଳବାର ସକାଳେ କାମକୁ ଯାଉଛନ୍ତି ବୋଲି ଘରେ କହିଥିଲେ। ଗୁରୁବାର ସକାଳେ ମୃତଦେହ ଠାବ ହୋଇଥିବା ପରିବାର ପକ୍ଷରୁ ପୋଲିସରେ ଅଭିଯୋଗ କରାଯାଇଥିଲା।

## ଯୁବକଙ୍କ ଆତ୍ମହତ୍ୟା

ହିଞ୍ଜିଳିକାଟୁ,୧୬।୬(ଡି.ଏନ୍.ଏ.)-ହିଞ୍ଜିଳି ଥାନା ବଡଖଣ୍ଡି ଗାଁର ଜଣେ ଯୁବକ ଗୁରୁବାର ଫ୍ୟାନରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ନରହରି ସାହୁ (୨୭)।। ପାରିବାରିକ କଳହକୁ କେନ୍ଦ୍ର କରି ସେ ଏପରି କରିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏ ନେଇ ହିଞ୍ଜିଳି ଥାନାରେ ନଂ.୧୭/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇ ତଦନ୍ତ ଚଳାଇଛି।

# ମୁନ୍ଦେ ପାଣି ଚାଲାଉଛି ମାଇଲ ମାଇଲ ବାଟ

ମାଲକାନଗିରି,୧୬।୬(ଡି.ଏନ.ଏ.)

ମାଲକାନଗିରି ଜିଲାରେ ଗ୍ରୀଷତାପ ଯୋଗୁ ଜଳକଷ୍ଟ ଭୋଗୁଛନ୍ତି ଲୋକେ। ପାଣି ମୁନ୍ଦେ ପାଇଁ ସେମାନଙ୍କୁ ମାଇଲ ମାଇଲ ବାଟ ଚାଲିବାକୁ ପଡୁଛି। ଜିଲାର ଖଇରପୁଟ ବ୍ଲକର ମାଡକାପଦର ପଞ୍ଚାୟତର ବାଘଖଦରା ଗ୍ରାମରେ ଏହି ସମସ୍ୟା ଉତ୍କଟ ହୋଇଛି। ଗ୍ରାମରେ ୨୫ଘର ଥିବା ବେଳେ ସେମାନଙ୍କ ପାଇଁ ଏଯାଏ ପାନୀୟ ଜଳ ବ୍ୟବସ୍ଥା କରିପାରିନାହିଁ ପ୍ରଶାସନ। ବଣ୍ଡାଘାଟି ଉପରେ ଥିବା ଏହି ଗ୍ରାମର ଗ୍ରାମବାସୀଙ୍କ ଚୁଆପାଣି ଭରସା ପାଲଟିଥିବା ଜଣାପଡିଛି। ଏନେଇ ଗ୍ରାମବାସୀ ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ସମସ୍ତ ଅଧିକାରୀଙ୍କୁ ଜଣାଇଥିଲେ ମଧ କିଛି ସୁଫଳ ମିଳିନାହିଁ। ପ୍ରଶାସନର ଉଦାସୀନତା ଯୋଗୁ ଆମକୁ ପାଣି ମୁନ୍ଦେ ପାଇଁ ମାଇଲମାଇଲ ବାଟ ଚାଲିବାକୁ ପଡୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପଞ୍ଚାୟତ ଅଧିକାରୀଙ୍କ ସହଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିଲା। ତୁରନ୍ତ ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।


ଜଣେ ଗ୍ରାମବାସୀ ଚୁଆରୁ ଜଳ ସଂଗ୍ରହ କରୁଛନ୍ତି।

# ରଥ ପ୍ରସ୍ତୁତ, କିନ୍ତୁ ପ୍ରସ୍ତୁତ ନାହିଁ ଜଗନ୍ନାଥଙ୍କ ପଥ

ଉମରକୋଟ, ୧୬।୬(ସ୍ୱ.ପ୍ର.)

**ବାରମ୍ବାର ଦାବି ସତ୍ତ୍ୱେ ମରାମତି ହେଉନି ରାସ୍ତା**

ରଥ ଯାତ୍ରାକୁ ଆଉ ଅଳ୍ପ ଦିନ ବାକି। ମାତ୍ର ଉମରକୋଟ ଜଗନ୍ନାଥ ମନ୍ଦିରରୁ ମାଉସୀ ମା’ ମନ୍ଦିରକୁ ସଂଯୋଗ କରୁଥିବା ଜଗନ୍ନାଥ ପଥ ଶୋଚନୀୟ ହୋଇ ପଡି ରହିଛି। ଏଥିରେ ରଥ ଗଡ଼ିବାବେଳେ କିଛି ବି ଦୁର୍ଘଟଣା ହେବାର ଆଶଙ୍କା ରହିଛି। ତେଣୁ ରଥ ଯାତ୍ରା ପୂର୍ବରୁ ଉକ୍ତ ରାସ୍ତାକୁ ମରାମତି କରିବାକୁ ଦାବି ହୋଇଛି।

ଏହି ରାସ୍ତାଟି ପୌର ପରିଷଦ ଅଧୀନ ୩ନମ୍ବର ୱାର୍ଡରେ ଆସୁଛି। ୧ କି.ମି. ଦୂର ବ୍ୟାପିଥିବା ଏହି ରାସ୍ତାର ମଝିରେ ଅନେକ ଖାଲ ଖମା ହୋଇ ରହିଛି। ଆଗକୁ ବର୍ଷା ଋତୁ ଆସୁଛି, ବର୍ଷା ହଲେ ନାଳ ପାଣି ରୋଡ଼ ଉପର ଦେଇ ଯାଉଛି। ତେଣୁ ଦୀର୍ଘ ଦିନ ହବେ ଏହି ରାସ୍ତାର ମରାମତି, ସ୍କୁଲ ନିକଟରେ ଏକ କର୍ଲଭର୍ଟ, ଡ୍ରେନେଜ ବ୍ୟବସ୍ଥା ପାଇଁ ସ୍ଥାନୀୟ ବାସିନ୍ଦା ତଥା ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଦାବି କରାଯାଉଛି। କିନ୍ତୁ ଉମରକୋଟ ପୌର ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ନେଉନାହିଁ। ଆଗକୁ ରଥ ଯାତ୍ରା ଆସୁଛି ଏହି ରାସ୍ତା ଦେଇ ମହାପ୍ରଭୁଙ୍କ ରଥ ଯିବ ମାଉସୀ ମା’ ଘର। କିଛି ଦିନ ପୂର୍ବରୁ ଏହି ରାସ୍ତାର ଅଧାକୁ ପିଚୁ କରାଗଲା। କିନ୍ତୁ ଅବଶିଷ୍ଟ ରାସ୍ତା ପାଇଁ କୌଣସି ଟେଣ୍ଡର ପ୍ରକ୍ରିୟା ମଧ କରଗଲାନାହିଁ। ଏହାକୁ ନେଇ ଭକ୍ତଙ୍କ ମନରେ ଦୁଃଖ ରହିଛି। ରାସ୍ତାର ଅବସ୍ଥା ବିଷୟରେ ଉମରକୋଟ ପୌର ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝିଙ୍କୁ ପଚାରିବାରୁ କର୍ଲଭଟ ପାଇଁ ଟେଣ୍ଡର ପ୍ରକ୍ରିୟା ସରିଛି। କିନ୍ତୁ ରାସ୍ତା ଏବେ ପିଚୁ ହୋଇ ପାରିବ ନାହିଁ। ଆଗାମୀ ଦିନରେ ଟେଣ୍ଡର କରାଯିବ ବୋଲି ସେ କହିଛନ୍ତି। ରଥଯାତ୍ରା ପୂର୍ବରୁ ମହାପ୍ରଭୁଙ୍କ ପଥ ପ୍ରସ୍ତୁତ ହୋଇ ପାରୁଛି ନା ନାହିଁ ତାହା ଦେଖିବା ବାକି ରହିଲା।


ଜଗନ୍ନାଥ ମନ୍ଦିରରୁ ମାଉସୀ ମା’ ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତା।

# ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୂର ସଙ୍ଗଠନ ପକ୍ଷରୁ ଜିଲା ସମ୍ମିଳନୀ

ବୈପାରିଗୁଡା,୧୬।୬ (ଡି.ଏନ୍.ଏ.)

ଗୁରୁବାର ସ୍ଥାନୀୟ ଡାକ ବଙ୍ଗଳାଠାରେ ଆଲ୍ ଇଣ୍ଡିଆ କିଷାନ କ୍ଷେତ୍ ମଜଦୁର ସଙ୍ଗଠନର କୋରାପୁଟ ଜିଲା କମିଟି ପକ୍ଷରୁ ଏକ ଜିଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏଆଇକେକେଏମ୍ଏସ୍ର ପ୍ରତିଷ୍ଠାତା କମ୍ରେଡ୍ ଶିବାଦାସ ଘୋଷଙ୍କ ଉଦ୍ଦେଶ୍ୟରେ ମାଲ୍ୟାର୍ପଣ କରାଯାଇ ଦିଲ୍ଲୀ ଚାଷୀ ଆନ୍ଦୋଳନରେ ମୃତ୍ୟୁବରଣ କରିଥିବା ଚାଷୀଙ୍କ ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ମିଳନୀରେ ଏଆଇକେକେଏମ୍ଏସ୍ର ରାଜ୍ୟ ଉପସଭାପତି କମ୍ରେଡ୍ ଶଦାଶିବ ଦାସ, କମ୍ରେଡ ସୂର୍ଯ୍ୟ ନାରାୟଣ ବିଶୋୟୀ,କମ୍ରେଡ୍ ରାମ ବାରିକ ପ୍ରମୁଖ ବକ୍ତା ରୂପେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। କେନ୍ଦ୍ର ସରକାରଙ୍କ ୩ କଳା କୃଷି ଆଇନ୍ ନେଇ ସରକାରଙ୍କୁ ସମାଲୋଚନା କରିଥିଲେ। ଉତ୍ପାଦିତ ଦ୍ରବ୍ୟର ସହାୟକ ମୂଲ୍ୟର ଆଇନଗତ ଗ୍ୟାରେଣ୍ଟି ଦେବା, ସରକାରୀ ମଣ୍ଡି ବ୍ୟବସ୍ଥାର ସରଳିକରଣ,ପ୍ରତ୍ୟେକ ଚାଷୀଙ୍କୁ ୫୫ ବର୍ଷ ପରେ ଭତ୍ତା ଦେବା ,ଦିଲ୍ଲୀ ଚାଷୀ ଆନ୍ଦୋଳନରେ ମୃତ୍ୟୁବରଣ କରିଥିବା ଚାଷୀଙ୍କ ପରିବାରକୁ ଆର୍ଥିକ ଏବଂ ପ୍ରତ୍ୟେକ ବ୍ଲକରେ ଶୀତଳଭଣ୍ଡାର ଖୋଲିବାକୁ ବକ୍ତାମାନେ ଦାବି କରିଥିଲେ।



ସମ୍ମିଳନୀରେ ମଞ୍ଚାସୀନ ବକ୍ତା।

## ବଜ୍ରପାତରେ ଗାଈ, ୪ ବଳଦ ମୃତ

ଆର.ଉଦୟଗିରି,୧୬।୬(ଡି.ଏନ.ଏ.)

ଆର.ଉଦୟଗିର ବ୍ଲକ ଅନ୍ତରବା ପଞ୍ଚାୟତ ଅନ୍ତର୍ଗତ ହାଟିପଙ୍କା ଗ୍ରାମ ନିକଟରେ ବୁଧବାର ଅପରାହ୍ନରେ ବଜ୍ରପାତରେ ଗୋଟିଏ ଗାଈ ଓ ୪ଟି ବଳଦଙ୍କ ମୃତ୍ୟୁ ଘଟିଛି। ବଳଦ ଓ ଗାଈ ଚରୁଥିବା ବେଳେ ହଠାତ ବର୍ଷା ଓ ପବନ ଆସିବାରୁ ଏକ ଗଛ ମୂଳକୁ ଆସି ଯାଇଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ଗ୍ରାମର ସୁନେମି ମଳିକ, ରିକାର୍ଦ ମଳିକ, ବର୍ଣ୍ଣବାସ ମଳିକ, ସାମନ୍ତ ମାଝିଙ୍କ ଗୋଟିଏ ଲେଖାଏ ବଳଦ ଓ ପ୍ରତାପ ମଳିକଙ୍କ ଗୋଟିଏ ଗାଈର ମୃତ୍ୟୁ ହୋଇଛି। ଅନ୍ୟପକ୍ଷରେ ଶିକୁଳିପଦର ପଞ୍ଚାୟତ ଧନୁପଦା ଗ୍ରାମ ନିକଟରେ ଦେବ ବେହେରାଙ୍କ ୨ଟି ବଳଦ ଚରୁଥିବା ବେଳେ ବିଦ୍ୟୁତ ଟ୍ରାନ୍ସଫରର୍ମର ସଂସ୍ପର୍ଶରେ ଆସିବାରୁ ଗୋଟିଏ ବଳଦର ମୃତ୍ୟୁ ହୋଇଛି। ଅନ୍ୟ ବଳଦଟି ଗୁରୁତର ହୋଇଛି। ମୋହନା ପ୍ରାଣୀ ଚିକିତ୍ସକ ବୀରେନ୍ଦ୍ର ପଣ୍ଡା ଓ କର୍ମଚାରୀ ଉଭୟ ସ୍ଥାନରେ ପହଞ୍ଚି ମୃତ ଗାଈ, ବଳଦଙ୍କ ବ୍ୟବଚ୍ଛେଦ କରିଛନ୍ତି।

# ଜିଲା ଯୋଜନା କମିଟି ସଦସ୍ୟ ନେଇ ୧୬ କଲେ ନାମାଙ୍କନପତ୍ର ଦାଖଲ

କୋରାପୁଟ,୧୬।୬(ସ୍ୱ.ପ୍ର)

କୋରାପୁଟ ଜିଲା ଯୋଜନା କମିଟିରେ ସଦସ୍ୟ ପଦ ନିମନ୍ତେ ଗୁରୁବାର ୧୬ ଜଣ ନାମାଙ୍କନପତ୍ର ଦାଖଲ କରିଥିବା ଜଣାପଡିଛି। ଜିଲ୍ଲା ବିଜେଡି ସଭାପତି ଈଶ୍ୱର ପାଣିଗ୍ରାହୀଙ୍କ ନେତୃତ୍ୱରେ ବିଜେଡିର ୮ ଜଣ ଜିଲା ପରିଷଦ ସଦସ୍ୟ ଓ ୨ ଜଣ କାଉନସିଲର ଏକ ଶୋଭାଯାତ୍ରାରେ ଆସି ନାମାଙ୍କନପତ୍ର ଦାଖଲ କରିଥିଲେ। ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ପଡ଼ାଲ ଉପସ୍ଥିତ ଥିଲେ। କଂଗ୍ରେସ ଦଳର ୫ ଜଣ ଜିଲା ପରିଷଦ ସଦସ୍ୟ ଓ ଜଣେ କାଉନସିଲର ମଧ ନାମାଙ୍କନ ପତ୍ରଦାଖଲ କରିଛନ୍ତି। ଏହି ସମୟରେ କୋରାପୁଟ ପୌର ପରିଷଦର ପୂର୍ବତନ ଅଧ୍ୟକ୍ଷ ଭଗବାନ ବାହିନୀପତି ଉପସ୍ଥିତ ଥିଲେ। ଆସନ୍ତା ୧୮ ତାରିଖରେ ନାମାଙ୍କନପତ୍ର ଯାଞ୍ଚ କରାଯିବ ବୋଲି ଜିଲା ଯୋଜନା ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ଭରତ ଚନ୍ଦ୍ର ବେହେର୍ଡା କହିଛନ୍ତି।



ନାମାଙ୍କନ ପତ୍ର ଦାଖଲ କରିବାକୁ ଆସିଥିବା ବିଜେଡି ଜିଲାପରିଷଦ ସଦସ୍ୟ ଓ ମହିଳା କାଉନ୍‌ସିଲରମାନେ।

# ଅଙ୍ଗନୱାଡି କେନ୍ଦ୍ର ହେଲପର ଚୟନ ନେଇ ସଭା


ହେଲପର ଚୟନରେ ସାମିଲ ହୋଇଥିବା ମହିଳା।

ସୁନାବେଡା/ସେମିଳିଗୁଡା, ୧୬।୬ (ସ୍ୱ.ପ୍ର.)–

କୋରାପୁଟ ଜିଲା ସେମିଳିଗୁଡା ବ୍ଲକ ଦଳେଇଗୁଡ଼ା ଗ୍ରାମ ପଞ୍ଚାୟତର ଡଳିଆମ୍ବ ଗ୍ରାମ ଅଙ୍ଗନବାଡି କେନ୍ଦ୍ରରେ ଦୀର୍ଘ ୨ ବର୍ଷରୁ ଉର୍ଦ୍ଧ୍ୱ ହେବ ହେଲପର ପଦ ଖାଲି ପଡିଥିଲା। ଏନେଇ ଗୁରୁବାର ଗ୍ରାମର ସମସ୍ତ ମହିଳାଙ୍କୁ ନେଇ ପଦ ପୂରଣ ଲାଗି ଏକ ଚୟନସଭା କରାଯାଇଥିଲା। ଏଥିରେ ଭାରପ୍ରାପ୍ତ ସିଡିପିଓ, ସୁପରଭାଇଜର,ଅଙ୍ଗନୱାଡି କର୍ମୀ, ୱାର୍ଡସଭ୍ୟ ଓ କେତେକ ଗ୍ରାମବାସୀ ଉପସ୍ଥିତ ଥିଲେ। ଗ୍ରାମର ଉର୍ମିଳା ଖରା, ସ୍ୱପ୍ନା ହନ୍ତାଲ ଓ ମଞ୍ଜୁଳା ଖରା ହେଲପର ପଦ ପାଇଁ ଆଶାୟୀ ଥିଲେ। ଯାହାଙ୍କ ପ୍ରତି ସଂଖ୍ୟା ଗରିଷ୍ଠ ସମର୍ଥନ ରହିବ ତାଙ୍କୁ ଚୟନରେ ଅଗ୍ରାଧିକାର ମିଳିବ ବୋଲି ସିଡିପିଓ ନିଷ୍ପତି ନେଇ ଜଣାଇଥିଲେ। ଶେଷରେ ଗ୍ରାମର ମହିଳାମାନଙ୍କ ନିଷ୍ପତି ଅନୁଯାୟୀ ଉର୍ମିଳାଙ୍କ ସପକ୍ଷରେ ସର୍ବାଧିକ ୨୭ ଜଣ, ସ୍ୱପ୍ନାଙ୍କ ସପକ୍ଷରେ ୬ ଜଣ ଏବଂ ମଞ୍ଜୁଳାଙ୍କ ସପକ୍ଷରେ ୩ ଜଣଙ୍କ ସମର୍ଥନ ମିଳିଥିଲା। ଫଳରେ ଉର୍ମିଳା ଏହି ପଦବୀ ପାଇଁ ଚୟନ କରାଯାଇଥିଲା।

# ୧୦ ଲକ୍ଷ ଟଙ୍କାର ପିଡିଏସ୍ ଚାଉଳ ହେରଫେର

ଗୁଣପୁର,୧୬।୬(ଡି.ଏନ୍.ଏ.)–

**ଯୋଗାଣ ସହାୟକ ବହିଷ୍କୃତ**

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ପୁଟାସିଂ ପଞ୍ଚାୟତର ଯୋଗାଣ ସହାୟକ ଯୁଗାନ ଶବର ଚାକିରିରୁ ବହିଷ୍କୃତ ହୋଇଛନ୍ତି। ପିଡିଏସ୍ ଚାଉଳ ହେରଫେର ଘଟଣାରେ ସେ ଚାକିରିରୁ ବହିଷ୍କୃତ ହୋଇଛନ୍ତି। ୫୯୪ ବସ୍ତା ଯଥା ୨୮୬.୭୮ କୁଇଣ୍ଟାଲ ଚାଉଳ(୧୦ ଲକ୍ଷ ଟଙ୍କା) ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ହେରଫେର କରିଥିବା ଅଭିଯୋଗ ଘଟଣାରେ ଯୋଗାଣ ସହାୟକଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଥିବା ଅତିରିକ୍ତ ଯୋଗାଣ ଅଧିକାରୀ ଦେବବ୍ରତ ମହାପାତ୍ର ସୂଚନା ଦେଇଛନ୍ତି।

ଅତିରିକ୍ତ ଯୋଗାଣ ଅଧିକାରୀଙ୍କ କହିବା ହେଲା ପୁଟାସିଂ ପଞ୍ଚାୟତରେ ପିଡିଏସ ତଥା ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଚାଉଳ ହେରଫେର ହୋଇଥିବା ଅଭିଯୋଗ ହୋଇଥିଲା। ଏହାପରେ ତାଙ୍କ ନେତୃତ୍ୱରେ ଗୁଣୁପୁର ବ୍ଲକର ଏମ୍ଆଇ ରିତା ବେହେରା ପ୍ରମୁଖ ପୁଟାସିଂକୁ ଯାଇ ଘଟଣାର ତଦନ୍ତ କରିଥିଲେ। ସମସ୍ତ ନଥିପତ୍ର, ମେସିନ ସହ ଗଚ୍ଛିତ ଥିବା ଚାଉଳରେ ତାଳମେଳ ରହି ନ ଥିଲା। ତଦନ୍ତ ସମୟରେ ୨୮୬.୭୮ କୁଇଣ୍ଟାଲ ତଥା ୫୯୪ ବସ୍ତା ଚାଉଳ କମ୍ ରହିଥିବା ଜଣାପଡ଼ିଥିଲା। ଷ୍ଟକ ବିବରଣୀ ପ୍ରକାରେ ୧୦୩୩.୭୮ କୁଇଣ୍ଟାଲ ଚାଉଳ ରହିବା ଆବଶ୍ୟକ। ହେଲେ ୭୪୭ କୁଇଣ୍ଟାଲ ଚାଉଳ ରହିଥିଲା। ୨୮୬.୭୮ କୁଇଣ୍ଟାଲର କୌଣସି ତଥ୍ୟ ଦେଇପାରି ନ ଥିଲେ। ଏହାପରେ ସେଠାରୁ ବଳକା ଥିବା ୭୪୭ କୁଇଣ୍ଟାଲ ଚାଉଳ ସହ ୮୮୦ ଲିଟର କିରୋସିନି ଜବତ କରାଯାଇଥିଲା। ଜବତ ଚାଉଳ ଏବଂ କିରୋସିନି କୁଟଲଣା ପଞ୍ଚାୟତର ନିର୍ବାହୀ ଅଧିକାରୀଙ୍କ ଜିମାରେ ପ୍ରଦାନ କରାଯାଇଛି। ଏତେ ପରିମାଣର ଚାଉଳ କୁଆଡ଼େ ଗଲା ତାହାର ଉତ୍ତର ସେ ଠିକ୍‌ରେ ରଖି ପାରି ନଥିଲେ। ପୁଟାସିଂ ପଞ୍ଚାୟତ ନିର୍ବାହୀ ଅଧିକାରଙ୍କୁ ପ୍ରଦାନ କରାଯାଇଥିବା ପିଡିଏସ୍ ଚାଉଳ ଯୋଗାଣ ସମ୍ବନ୍ଧୀୟ ଡିଲରଶିପ୍ ଲାଇସେନ୍ସକୁ ରଦ୍ଦ କରାଯାଇଥିଲା। ସମସ୍ତ ବିଷୟକୁ ନେଇ ଯୋଗାଣ ଅଧିକାରୀ ଉପଜିଲାପାଳଙ୍କ ନିକଟରେ ତଦନ୍ତ ରିପୋର୍ଟ ଦାଖଲ କରିଥିଲେ। ଏହା ଆଧାରରେ ଉପଜିଲାପାଳ ବିଡିଓଙ୍କୁ ଯୋଗାଣ ସହାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଚାକିରିରୁ ବହିଷ୍କୃତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲାପାଳଙ୍କ ନିର୍ଦ୍ଦେଶ ପରେ ବିଡିଓ ଶାନ୍ତିପ୍ରଭା ପ୍ରଧାନ ଯୋଗାଣ ସହାୟକ ଯୁଗାନ ଶରଙ୍କୁ ଚାକିରିରୁବହିଷ୍କୃତ କରିଥିଲେ। ପଞ୍ଚାୟତର ନିର୍ବାହୀ ଅଧିକାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସହ ଉଭୟଙ୍କ ନାମରେ ଫୌଜଦାରି ମାମଲା କରିବା ପାଇଁ ଜିଲାପାଳଙ୍କୁ ସୁପାରିଶ କରାଯାଇଥିବା ଦେବବ୍ରତ ମହାପାତ୍ର ସୂଚନା ଦେଇଛନ୍ତି। ଏଥିସହ ଉପଜିଲାପାଳ ସମସ୍ତ ଘଟଣାରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଠାରୁ କୈଫିୟତ ତଲବ କରିଥିବା ମଧ ସୂଚନା ଦେଇଛନ୍ତି।



# କାଶୀପୁର ବ୍ଲକର ୧ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ମିଳିତ ବିକ୍ଷୋଭ

ରାୟଗଡ଼ା ଅଫିସ,୧୬।୬–

**ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ଦାବିପତ୍ର**

ରାୟଗଡ଼ା ଜିଲା କାଶୀପୁରର ପୂର୍ବତନ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ବିଭିନ୍ନ ଦୁର୍ନୀତି ଓ ଶୋଷଣକୁ ବିରୋଧ କରି ଗୁରୁବାର କାଶୀପୁର ବ୍ଲକର ୧ହଜାରରୁ ଉର୍ଦ୍ଧ୍ୱ ବିଭିନ୍ନ ବର୍ଗର ଲୋକ ଜିଲାପାଳ ଏବଂ ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝିଙ୍କ ନେତୃତ୍ୱରେ କାଶୀପୁର ଅଞ୍ଚଳବାସୀ ସ୍ଥାନୀୟ ବ୍ଲକ ଅଫିସ ଛକରୁ ଏକ ଶୋଭାଯାତ୍ରାରେ ବାହାରି ପୂର୍ବତନ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ବିକ୍ଷୋଭ କାର୍ଯ୍ୟକ୍ରମକୁ କାଶୀପୁରର କଂଗ୍ରେସ ନେତା ସମେତ ସମସ୍ତ ବର୍ଗର ଲୋକ ସମର୍ଥନ କରି ଏଥିରେ ସାମିଲ ହୋଇଥିଲେ।

ଉନ୍ନତିମୂଳକ କାର୍ଯ୍ୟରେ କୃଷ୍ଣଚନ୍ଦ୍ର ମହାପାତ୍ର ବାଧା ସୃଷ୍ଟି କରୁଥିବା ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ଅଞ୍ଚଳର ଯୁବନେତା ଜିଯୁରୁ ମାଝି, କାର୍ତ୍ତିକ ନାଏକ, ଅନିଲ ଜୈନ, ଅଙ୍ଗଦ ନାଏକ, ଗଜେନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ରହି ବିକ୍ଷୋଭ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ରାୟଗଡ଼ା ଆଦିବାସୀ ଯୁବ ସମାଜର ଜିଲା ସଭାପତି ପ୍ରତାପ ପୁଆଲା ଶୋଭାଯାତ୍ରାକୁ ସମର୍ଥନ କରି କୃଷ୍ଣଚନ୍ଦ୍ରଙ୍କ କାର୍ଯ୍ୟକୁ ନିନ୍ଦା କରିଥିଲେ।

କୃଷ୍ଣଚନ୍ଦ୍ର ୧୯୯୨ରେ ଚାକିରି ଛାଡ଼ି ରାଜନୀତିକୁ ଆସିଥିଲେ। ପରେ ସେ କାଶୀପୁର ବ୍ଲକ ଅଧ୍ୟକ୍ଷ ହୋଇଥିଲେ। ଏହି ସମୟରେ କାଶୀପୁର ବ୍ଲକରେ କେନ୍ଦ୍ରୀୟ ଅନୁଦାନରେ ଓଟିଡିପି(ଆଇଫାଡ୍) ପ୍ରକଳ୍ପ କାମ ଚାଲିଥିଲା। କୃଷ୍ଣଚନ୍ଦ୍ର ସେତେବେଳେ ବ୍ୟବସାୟ ଆରମ୍ଭ କରିଥିଲେ। ଏକ ସିମେଣ୍ଟ କମ୍ପାନୀର ମୁଖ୍ୟ ବିତରକ ଓ କାଶୀପୁର ବ୍ଲକ ଡିଲର ଥିଲେ। ସେ ପ୍ରକଳ୍ପ କାମ ପାଇଁ ଆବଶ୍ୟକ ସିମେଣ୍ଟ ଯୋଗାଉଥିଲେ। ଏହି ସିମେଣ୍ଟ ଯୋଗାଣରେ ମହାପାତ୍ର ଅନିୟମିତା ତଥା ଦୁର୍ନୀତି କରିଥିବା ସେତେବେଳେ ଥିବା ଜଣେ ଅଧିକାରୀ ଜାଣିବାକୁ ପାଇଥିଲେ। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସରକାରଙ୍କୁ ଜଣାଇଥିଲେ। ଏ ନେଇ ମାମଲା ମଧ ରୁଜୁ ହୋଇଥିବା ବେଳେ ମହାପାତ୍ର ହାଇକୋର୍ଟକୁ ଯାଇ ଲମ୍ବା ସମୟ ମାଗି ମାମଲାକୁ ଦବାଇ ରଖିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସେହିପରି ୨୦୧୩-୧୪ ରେ ଆଇଟିଡିଏ ପକ୍ଷରୁ ବ୍ଲକରେ ଫଳଚାଷ ପାଇଁ ୧୬ଟି ପ୍ରକଳ୍ପ ହର୍ପାଲ ମଞ୍ଜୁର କରିଥିଲେ। ଉକ୍ତ କାମକୁ ମଧ ମହାପାତ୍ର କରି ଦୁର୍ନୀତି କରି ଅର୍ଥ ହଡ଼ପ କରିଥିବା ସେମାନେ କହିଛନ୍ତି। ଏହା ବ୍ୟତୀତ ମହାପାତ୍ର ଅନ୍ୟ ଦୁର୍ନୀତିରେ ମଧ ସାମିଲ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସରକାର ଆଦିବାସୀ ଅଞ୍ଚଳର ବିକାଶ ପାଇଁ ଉଦ୍ୟମ କରୁଥିଲେ ମଧ ସ୍ଥାନୀୟ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ପାଇଁ ସେଥିରେ ବାଧା ସୃଷ୍ଟି ହେଉଛି ବୋଲି ସେମାନେ କହିଛନ୍ତି। ଏ ନେଇ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରାଙ୍କୁ ପ୍ରଦାନ କରିଛନ୍ତି। ସେହିପରି ଏସ୍‌ପିଙ୍କୁ ମଧ ଏକ ଦାବିପତ୍ର ପ୍ରଦାନ କରିବା ସହ ଏହାର ନକଲ ମୁଖ୍ୟମନ୍ତ୍ରୀ, ମୋ ସରକାର ୫-ଟି ଏବଂ ରାୟଗଡ଼ା ଭିଜିଲାନ୍ସ ବିଭାଗକୁ ପ୍ରଦାନ କରିଛନ୍ତି।


ଅତିରିକ୍ତ ଜିଲାପାଳ ଦାବିପତ୍ର ଗ୍ରହଣ କରୁଛନ୍ତି।

## ସଂକ୍ଷେପରେ

### ଶହୀଦ ଚନ୍ଦ୍ରକାନ୍ତଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ରାଇକିଆ,୧୬।୬(ଡି.ଏନ.ଏ.): ଗଲୱାନ ଘାଟିରେ ଚୀନ ଯବାନଙ୍କ ସହ ସଂଘର୍ଷ ବେଳେ କନ୍ଧମାଳ ଜିଲା ରାଇକିଆ ବ୍ଲକ ବିଅରପାଙ୍ଗା ଗ୍ରାମର ଚନ୍ଦ୍ରକାନ୍ତ ପ୍ରଧାନ ଶହୀଦ ହୋଇଥିଲେ। ଏହି ବୀର ଶହୀଦ ଯବାନଙ୍କ ପ୍ରତିମୂର୍ତ୍ତି ତାଙ୍କ ନିଜ ଗ୍ରାମରେ ଗୁରୁବାର ଉନ୍ମୋଚିତ କରାଯାଇଛି। ଏହି ଅବସରରେ ଏକ ସ୍ମୃତିସଭା ଆୟୋଜନ କରଯାଇଥିଲା। ରାଇକିଆ ଥାନା ଅଧିକାରୀ ଶାନ୍ତନୁ ପ୍ରଧାନ, ତହସିଲଦାର ହର ପ୍ରସାଦ ଭୋଇ , ଜିଲା ପରିଷଦ ସଭ୍ୟ ସତ୍ୟବାନ ପାତ୍ର, ଏମ୍‌ପି ପ୍ରତିନିଧି ସୁଧାଂଶୁ ପାଣିଗ୍ରାହୀ, ଦଡିଙ୍ଗିଆ ସମିତି ସଭ୍ୟ ପ୍ରଦୀପ ପ୍ରଧାନ, ଫାଦର୍ ପ୍ରଦୋଷ ନାୟକ, ବିଜେଡି ସଂଖ୍ୟା ଲଘୁ ସେଲ ଜିଲା ସଭାପତି ଜୟାନନ୍ଦ ନାୟକ, ପୂର୍ବତନ ସେନା କର୍ମଚାରୀ କିଶୋର ନାୟକ ପ୍ରମୁଖ ଯୋଗ ଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଶହୀଦ ଚନ୍ଦ୍ରକାନ୍ତଙ୍କ ପରିବାର ବର୍ଗ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ ।

### ବଜରଙ୍ଗ ଦଳର ସ୍ମାରକପତ୍ର ପ୍ରଦାନ

ପାରଳାଖେମୁଣ୍ଡି,୧୬।୬(ଡି.ଏନ୍.ଏ.): ଦେଶରେ ଜେହାଦୀଙ୍କ ଗତିବିଧି ଉପରେ ରୋକ ଲଗାଇବା ଓ ବିଭିନ୍ନ ସ୍ଥାନରେ ଜେହାଦୀଙ୍କ ଦ୍ୱାରା ହିନ୍ଦୁମାନଙ୍କୁ ଆକ୍ରମଣ ଘଟଣା ପ୍ରତିବାଦରେ ଗଜପତି ଜିଲା ବଜରଙ୍ଗ ଦଳ ପକ୍ଷରୁ ଶୋଭାଯାତ୍ରା କରାଯାଇଛି। ଗତ କିଛିବର୍ଷ ହେଲା ଦେଶର ବିଭିନ୍ନ ସ୍ଥାନରେ ହିନ୍ଦୁ ସମାବେଶ ଉପରେ ପଥରବାଜି ହୋଇଥିବା ଅଭିଯୋଗ ହେଉଛି। ତେବେ ଜେହାଦୀ ପକ୍ଷରୁ ଏଭଳି ଆକ୍ରମଣ ହେଉଥିବା ବେଳେ ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଓ ଏହାକୁ ପ୍ରୋତ୍ସାହନ ଦେଉଥିବା ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ନେତାଙ୍କ ଉପରେ ତୀକ୍ଷ୍ଣ ନଜର ରଖିବାକୁ ବଜରଙ୍ଗ ଦଳ ଦାବି କରିଛି। ଶୋଭାଯାତ୍ରା ସହର ପରିକ୍ରମା କରିବା ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ୮ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କୁ ପ୍ରଦାନ କରାଯାଇଛି।

### ପଡ଼ିଆରୁ ରାଜମିସ୍ତ୍ରିଙ୍କ ମୃତଦେହ ଜବତ

ଆସିକା,୧୬।୬(ଡି.ଏନ୍.ଏ.): ଆସିକା ଥାନା ଘଟକୁରୀ ଗ୍ରାମ ସଂଲଗ୍ନ ଲେଙ୍କାତୋଟା ପଡିଆରୁ ଗୁରୁବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରାଯାଇଛି। ସେ ହେଲେ ଘଟକୁରୀ ନିକଟସ୍ଥ ଖାରିଆ ଗ୍ରାମର ଶିବରାମ ଜେନା (୫୦)। ମୃତଦେହକୁ ପୋଲିସ ଆସିକା ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇବା ପରେ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ଆସିକା ଥାନାରେ ନଂ.୧୬/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। କେଉଁ ପରିସ୍ଥିତିରେ ଶିବରାମଙ୍କ ମୃତ୍ୟୁ ଘଟିଲା ତାହା ସ୍ପଷ୍ଟ ହୋଇନାହିଁ। ଅନ୍ୟପକ୍ଷରେ ଶିବରାମଙ୍କ ମୃତ୍ୟୁ ଅଂଶୁଘାତଜନିତ ବୋଲି ତାଙ୍କ ସ୍ତ୍ରୀ ବାସନ୍ତୀ ଲେଙ୍କା ଆସିକା ଥାନାରେ ଅଭିଯୋଗ କରିଛନ୍ତି। ରାଜମିସ୍ତ୍ରି ଭାବେ କାମ କରୁଥିବା ଶିବରାମ ମଙ୍ଗଳବାର ସକାଳେ କାମକୁ ଯାଉଛନ୍ତି ବୋଲି ଘରେ କହିଥିଲେ। ଗୁରୁବାର ସକାଳେ ମୃତଦେହ ଠାବ ହୋଇଥିବା ପରିବାର ପକ୍ଷରୁ ପୋଲିସରେ ଅଭିଯୋଗ କରାଯାଇଥିଲା ।

### ରକ୍ତଦାନ ଶିବିର ପାଇଁ ପ୍ରସ୍ତୁତି ବୈଠକ

ବୁଗୁଡ଼ା,୧୬।୬(ଡି.ଏନ.ଏ.): ଆମ୍ଭ ପୋଲିସ ସମିତି ତରଫରୁ ଆସନ୍ତା ୨୨ରେ ହେବାକୁ ଥିବା ରକ୍ତଦାନ ଶିବିର ପାଇଁ ଏକ ପ୍ରସ୍ତୁତି ବୈଠକ ବୁଗୁଡ଼ା ଥାନା ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ଚିତ୍ତ ରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ରକ୍ତଦାନ ଶିବିରକୁ ସଫଳ କରିବା ପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଉକ୍ତ ବୈଠକରେ ବାଲିପଦର ଫାଣ୍ଡି ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ ଓ ବିଧାୟକ ପ୍ରତିନିଧି କେ.ତ୍ରିଲୋଚନ ଦୋରାଙ୍କ ସମେତ ଆମ ପୋଲିସ ସମିତିର ସଦସ୍ୟଗଣ, ଖବରଦାତା, ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ ଓ ଲୋକ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଶିବିରର ସୁପରିଚାଳନା ପାଇଁ ଏକ ପରିଚାଳନା କମିଟି ଗଠନ କରାଯିବା ସହ ଦାୟିତ୍ୱ ମଧ ବଣ୍ଟନ କରାଯାଇଥିଲା।

# ଚାଳକଙ୍କୁ ଗିରଫ ଦାବିରେ ମୃତଦେହ ରଖି ରାସ୍ତା ଅବରୋଧ

ରାୟଗଡ଼ା ଅଫିସ,୧୬।୬

ରାୟଗଡ଼ା ସଦର ବ୍ଲକ କୁମ୍ଭିକୋଟା ପଞ୍ଚାୟତ ଅନ୍ତର୍ଗତ ପିଟୁଡ଼ି କଲୋନୀରେ ଏକ ଟ୍ରକ ଧକ୍କାରେ ୨ ବାଇକ୍ ଆରୋହୀଙ୍କ ବୁଧବାର ରାତିରେ ମୃତ୍ୟୁ ଘଟିଛି। ଦୁହେଁ ହେଲେ କୁତ୍ରାବେଡ଼ା ପଞ୍ଚାୟତ ଉକ୍ସାପାଡୁ ଗ୍ରାମର ତରୁଣ କନ୍ଧପାଣି(୧୫) ଏବଂ ନାକଟି ପଞ୍ଚାୟତ ବଡ଼ଚେକା ଗ୍ରାମର ମୋହନ ଖୁରା।

ଗ୍ରାମବାସୀ ଏହାର ପ୍ରତିବାଦ କରିବା ସହ ଟ୍ରକ୍ ମାଲିକଙ୍କୁ ଗିରଫ ଏବଂ କ୍ଷତିପୂରଣ ଦାବି କରି ଗୁରୁବାର ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ରାୟଗଡ଼ା ଥାନା ଅଧିକାରୀ ରଶ୍ମିରଞ୍ଜନ ପ୍ରଧାନ ସକାଳେ ପହଞ୍ଚି ଉତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ହେଲେ ସେମାନେ ଯିଦ୍‌ରେ ଅଟଳ ରହିଥିଲେ। ପୋଲିସ ଲକ୍ଷ୍ମୀପୁର ଥାନା ନିକଟରୁ ଟ୍ରକ୍‌କୁ ଜବତ କରିଛି। ଡ୍ରାଇଭରକୁ ଅଟକ ରଖି ପଚରାଉଚରା କରାଯାଉଥିବା ପୋଲିସ କହିବା ସହ ବୁଝାଶୁଝା କରିବା ପରେ ଗ୍ରାମବାସୀ ରାସ୍ତାରୁ ଉଠିଥିଲେ। ସୂଚନାଯୋଗ୍ୟ, ବୁଧବାର ରାତିରେ ତରୁଣ ଏବଂ ମୋହନ ବାଇକ୍‌ରେ କୁମ୍ଭିକୋଟା ଦିଗରୁ କୁତ୍ରାବେଡ଼ା ଯାଉଥିଲେ। ଏହି ସମୟରେ ରାୟଗଡ଼ାରୁ କୋରାପୁଟ ଯାଉଥିବା ଟ୍ରକ୍(ଓଆର୍ ୧୦ ଏଫ୍ ୫୧୯୯) କୁମ୍ଭିକୋଟା ପଞ୍ଚାୟତର ପିଟୁଡ଼ି କଲୋନୀ ନିକଟରେ ବାଇକ୍‌କୁ ଧକ୍କା ଦେଇଥିଲା। ପୋଲିସ ଏ ନେଇ ଅଧିକ ତଦନ୍ତ ଚଳାଇଥିବା କହିଛି।



ଗ୍ରାମବାସୀ ରାସ୍ତାରେ ମୃତଦେହ ରଖି ଧାରଣାରେ ବସିଛନ୍ତି।

**ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀ ମୃତ**

# ସୌରା ପଣ୍ଡିତ ମାଙ୍ଗେଇ ଗମାଙ୍ଗଙ୍କ ପ୍ରତିମୂର୍ତ୍ତି ସ୍ଥାପନ

ଗୁଣପୁର,୧୬।୬(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁରଠାରେ ଶବର ସାଂସ୍କୃତିକ ସଂଘ ପକ୍ଷରୁ ସୌରା ପଣ୍ଡିତ ସ୍ୱର୍ଗତ ମାଙ୍ଗେଇ ଗମାଙ୍ଗଙ୍କ ୧୦୬ ତମ ଜୟନ୍ତି ଗୁରୁବାର ପାଳିତ ହୋଇଯାଇଛି। ଏଥିଲାଗି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମାଙ୍ଗେଇ ଗମାଙ୍ଗଙ୍କ ପ୍ରତିମୂର୍ତ୍ତିକୁ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା। ଏହାପରେ ତାଙ୍କ ପ୍ରତିମୂର୍ତ୍ତିକୁ କନ୍ୟକା ପରମେଶ୍ୱରୀ ମନ୍ଦିର ନିକଟ ସଂଘ କାର୍ଯ୍ୟାଳୟ ଠାରେ ସ୍ଥାପନ କରାଯାଇଥିଲା। ସଂଘ କାର୍ଯ୍ୟାଳୟର ନୂତନ ଗୃହ ପ୍ରବେଶ କାର୍ଯ୍ୟ ମଧ ହୋଇଥିଲା।

ଗୃହ ପ୍ରତିଷ୍ଠା ପରେ ହୋଇଥିବା କାର୍ଯ୍ୟକ୍ରମରେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ନବରଙ୍ଗପୁର ଜିଲା ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଭାଜପା ଆଦିବାସୀ ମୋର୍ଚ୍ଚାର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ କାଳିରାମ ମାଝି, ଗଜପତି ଜିଲା ଶବର ସମାଜ କଲ୍ୟାଣ ସମିତିର ସଭାପତି ତ୍ରିନାଥ ଶବର ପ୍ରମୁଖ ଯୋଗଦେଇ ସୌରା ଭାଷା ଏବଂ ଲିପିରେ ମାଙ୍ଗେଇ ଗମାଙ୍ଗଙ୍କ ଅବଦାନ ବିଷୟରେ ଆଲୋକପାତ କରିଥିଲେ। ଶବର ସାଂସ୍କୃତିକ ସଂଘର ସଭାପତି ଚକ୍ରପାଣି ଶବବ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ବଳରାମ ଶବରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ସନ୍ଧ୍ୟାରେ ହୋଇଥିବା ସାଂସ୍କୃତିକ ସଭାରେ ଓକିଲ ସଂଘର ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ବିଜୟ ଗମାଙ୍ଗ, ଅବସରପ୍ରାପ୍ତ ଓଡ଼ିଆ ପ୍ରଫେସର ରୋହିଦାସ ଶବର ଏବଂ ସାମାଜିକକର୍ମୀ ଅକ୍ଷୟ ଦାସ ପ୍ରମୁଖ ମଞ୍ଚାସିନ ରହି ଆଦିବାସୀ ଭାଷା ଏବଂ ଲିପିର ବିକାଶ ନେଇ ମତ ରଖିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ସଂଘର କାର୍ତ୍ତିକ ଶବର, ସୁବାସ ଶବର, ସୁଦାମ ଶବର, ବିଦ୍ୟାଧର ଶବର, ଆର୍ସି ଶବର, ରାମ ଶବରଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ମାଙ୍ଗେଇ ଗମାଙ୍ଗଙ୍କ ପ୍ରତିମୂର୍ତ୍ତିକୁ ଶୋଭାଯାତ୍ରାରେ ନିଆଯାଉଛି।

# ଜାଇକା ପ୍ରକଳ୍ପର ବାର୍ଷିକ ସମୀକ୍ଷା ଆଜି

ଭଞ୍ଜନଗର,୧୬।୬(ଡି.ଏନ.ଏ)

- ପ୍ରକୃତି ବନ୍ଧୁ ପୁରସ୍କାର ପାଇଁ ଲୋକ ମିଳିଲେ ନାହିଁ
- ସମନ୍ୱୟ ଅଭାବରୁ ଯୋଜନାର ସଫଳତା ନେଇ ସନ୍ଦେହ

ଜାପାନ ଇଟଂର ନେସନାଲ କପୋରେସନ ଏଜେନ୍ସି (ଜାଇକା) ପରିବେଶ ସୁରକ୍ଷା ପାଇଁ ଓଡ଼ିଶା ସରକାରଙ୍କୁ କୋଟି କୋଟି ଟଙ୍କା ବିନା ସୁଧରେ ଦେଇଛି। କିନ୍ତୁ କର୍ମଚାରୀ ଏବଂ ଲୋକଙ୍କ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁ ଜଙ୍ଗଲ ବିଭାଗ ଉକ୍ତ ଅର୍ଥକୁ ତଳସ୍ତରରେ ସଦ୍‌ବିନିଯୋଗ କରିପାରୁନାହିଁ। ଫଳରେ ଜନସାଧାରଣ ଯୋଜନାର ସଫଳତା ପାଇପାରୁନଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଛି। ଜଙ୍ଗଲ ନିକଟବର୍ତ୍ତି ବସବାସ କରୁଥିବା ଲୋକଙ୍କ ଆର୍ଥୀକ ମାନଦଣ୍ଡରେ ଉନ୍ନତି ଆଣିବା ପାଇଁ ବିଭାଗ ସମେତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଡ଼ିକୁ ଦାୟିତ୍ୱ ଦିଆଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନର କାମ ହେଲା ବିଭିନ୍ନ ବନ ସୁରକ୍ଷା ସମିତି ଅଚଳଂର ଜନସାଧାରଣଙ୍କୁ ନେଇ ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ କରିବା। ଉକ୍ତ ଗୋଷ୍ଠୀର ଉନ୍ନତି ପାଇଁ ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା କରି ସରକାରଙ୍କ ଯୋଜନା ଗୁଡ଼ିକୁ ସେମାନଙ୍କ ପାଖରେ ପହଚାଂଇବା। କିନ୍ତୁ ଅଧିକାଶଂ କ୍ଷେତ୍ରରେ ତାହା ସଫଳ ହୋଇପାରୁନାହିଁ। ଆଉ କେତକ ସ୍ୱୟଂ ସହାୟିକା ଗୋଷ୍ଠୀର ଉନ୍ନତି ମଧ୍ୟ ହେଉଛି। ଏହିଭଳି ଭଞ୍ଜନଗର ଉତର ଓ ଦକ୍ଷିଣ ଘୁମୁସର ବନଖଣ୍ଡରେ ମଧ୍ୟ ୨ଟି ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ଦାୟିତ୍ୱ ଦିଆଯାଇଛି। କିନ୍ତୁ ଯୋଜନାର ଶତ ପ୍ରତିଶତ ସଫଳତା ମିଳିଲା ଭଳି ଅନୁଭବ ହେଉନାହିଁ। ତେଣୁ ସରକାର ଆଗାମୀ ଦିନରେ ଏନେଇ କିଛି ନୂତନ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଜାଇକା ପ୍ରକଳ୍ପ ଭଞ୍ଜନଗର ଉତର ଘୁମୁସର ବନଖଣ୍ଡର ମୁଜାଗଡ଼ ରେଞ୍ଜରେ ୨୦୧୮ ମସିହାରୁ ଆରମ୍ଭ ହୋଇଛି। ଏହାପରେ କେନ୍ଦ୍ରୀୟ ବନାଚଂଳ, ଜଗନ୍ନାଥପ୍ରସାଦ ଓ ତାରସିଂରେ ଯୋଜନା କାର୍ଯ୍ୟକାରୀ ହେଉଛି। ଗାଲେରୀ ରେଞ୍ଜକୁ ଏହି ଯୋଜନାରୁ ବାଦ୍ ଦିଆଯାଇଛି। ବନଖଣ୍ଡର ୧୦୦ ଟି ବନ ସୁରକ୍ଷା ସମିତିକୁ ଏହି ଯୋଜନାରେ ସାମିଲ କରାଯାଇଛି। ଏହି ଯୋଜନାଟି ୧୦ ବର୍ଷ ଚାଲିବ। ଓଡ଼ିଶା ବନ ଉନ୍ନୟନ ପ୍ରକଳ୍ପ ଫେଜ୍ ୨ ନାମରେ ଜାଇକା ଅର୍ଥ ବ୍ୟୟ ହେଉଛି। ଏହି ବନଖଣ୍ଡର ପ୍ରତ୍ୟେକ ଭିଏସ୍‌ଏସ୍‌ରେ ଗୋଟିଏ ଗୋଟିଏ ଗୃହ ୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଉଛି। କିନ୍ତୁ ବର୍ତ୍ତମାନ ନିର୍ମାଣ ହୋଇଥିବା ଅନେକ ଗୃହ ବିଭିନ୍ନ କାରଣ ଯୋଗୁ ବ୍ୟବହାର ନହୋଇ ପଡ଼ିରହିଛି। ଗୋଟିଏ ରେଞ୍ଜର ୨୫ଟି ଭିଏସ୍‌ଏସ୍ କୁ ଯୋଜନାରେ ନିଆଯାଇଛି। ପ୍ରକଳ୍ପର ସଫଳତା ପାଇଁ ରେଞ୍ଜ ପିଛା ୭ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନର ୩ଜଣ, ପ୍ରକଳ୍ପ ଅଧିନରେ ୨ଜଣ ଏବଂ ଭିଏସ୍‌ଏସ୍‌ର ୨ଜଣଙ୍କୁ ଯୋଜନାର ସଫଳତା ପାଇଁ ନିଯୁକ୍ତି ଦିଆଯାଇଛି। ଏନେଇ ସେମାନଙ୍କୁ ଦରମା ମଧ୍ୟ ପ୍ରଦାନ କରାଯାଉଛି। ବିଭିନ୍ନ ସମୟରେ ଏହି ଯୋଜନାରେ କାମ କରୁଥିବା କିଛି କର୍ମଚାରୀଙ୍କୁ ମଧ୍ୟ ବିନା କାମରେ ଦରମା ବିଗତ ଦିନରେ ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ବିଭିନ୍ନ ସମୟରେ ବିଭାଗ ସହ ସମନ୍ୱୟ ଅଭାବ ଯୋଗୁ ମଧ୍ୟ ଅନେକ ବେସରକାରୀ କର୍ମଚାରୀ ଚାକିରି ଛାଡ଼ି ଚାଲିଯାଉଛନ୍ତି। ୨୦୦୫ ମସିହାରେ ଏହି ବନଖଣ୍ଡ ଜଙ୍ଗଲ ସୁରକ୍ଷାରେ ଦେଶରେ ସର୍ବଶ୍ରେଷ୍ଠ ଇନ୍ଦିରା ପ୍ରିୟ ଦର୍ଶନୀ ବୃକ୍ଷମିତ୍ର ପୁରସ୍କାର ପାଇଥିଲା। କିନ୍ତୁ ଚଳିତ ବର୍ଷ ଭଞ୍ଜନଗର ବ୍ଲକର ପ୍ରକୃତି ବନ୍ଧୁ ପୁରସ୍କାର ପାଇଁ ଜଣେ ମଧ୍ୟ ଲୋକ ଆବେଦନ କରିନଥିଲେ। ବିଭାଗକୁ ମଧ୍ୟ ଲୋକ ମିଳିଲା ନାହିଁ। ଜାଇକା ଅର୍ଥ ଜାପାନ ସଂସ୍ଥା ଯେଉଁ ଲକ୍ଷ୍ୟ ନେଇ ଦେଇଛି ତାହା ବର୍ତ୍ତମାନ ଶତପ୍ରତିଶତ କାର୍ଯ୍ୟକାରୀ ହେଲାଭଳି

# କନ୍ଧମାଳ ହଳଦୀ, ପର୍ଯ୍ୟଟନ କ୍ଷେତ୍ରର ପ୍ରଚାର କଲା ସଂଘ

ଦାରିଙ୍ଗବାଡ଼ି,୧୬।୬(ଡି.ଏନ.ଏ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ହୋଟେଲ ସଂଘ କୋଲକାତାଠାରେ ଆୟୋଜିତ ୩ ଦିନିଆ ପର୍ଯ୍ୟଟନ ମେଳାରେ ଯୋଗଦେଇ ଫେରିଛି। ଉକ୍ତ ମେଳାରେ ସଂଘ ପକ୍ଷରୁ ଦାରିଙ୍ଗବାଡ଼ିର ପର୍ଯ୍ୟଟନ କ୍ଷେତ୍ର ଓ ବିଶ୍ୱ ପ୍ରସିଦ୍ଧ କନ୍ଧମାଳ ହଳଦୀର ପ୍ରଚାରକୁ ଗୁରୁତ୍ୱ ଦିଆଯାଇଥିଲା। ମେଳାରେ ଯେଉଁ ପର୍ଯ୍ୟଟକମାନେ ତଥ୍ୟ ସଂଗ୍ରହ କରିଥିଲେ ସେମାନେ ହୋଟେଲ ସଂଘକୁ ଏବେ ଫୋନ ଯୋଗେ ଯୋଗାଯୋଗ କରୁଛନ୍ତି। ପର୍ଯ୍ୟଟକମାନେ ପ୍ରତିବର୍ଷ ସେପ୍ଟେମ୍ବରରୁ ଆସୁଥିବା ବେଳେ ଚଳିତଥର ଆହୁରି ପ୍ରାୟ ୩୦ ପ୍ରତିଶତ ବୃଦ୍ଧି ପାଇବା ସମ୍ଭାବନା ରହିଛି । ପର୍ଯ୍ୟଟନ ମେଳାରେ ପ୍ରାୟ ୩ ହଜାର ୭୮୯ ଜଣଙ୍କୁ ସଂଘ ପକ୍ଷରୁ ଦାରିଙ୍ଗବାଡ଼ି ପର୍ଯ୍ୟଟନକ୍ଷେତ୍ର ସମ୍ପର୍କରେ ଅବଗତ କରାଯାଇଥିବା ବେଳେ ମେଳାକୁ ଆସୁଥିବା ପର୍ଯ୍ୟଟକ ଦାରିଙ୍ଗବାଡ଼ି ସମ୍ପର୍କରେ ଶୁଣିଥିଲେ। ଦାରିଙ୍ଗବାଡ଼ି ପର୍ଯ୍ୟଟନକ୍ଷେତ୍ରର ସମସ୍ତ ତଥ୍ୟ ସେମାନଙ୍କ ନିକଟରେ ନ ଥିଲା ବୋଲି ସେଠାକୁ ଆସୁଥିବା ପର୍ଯ୍ୟଟକମାନେ କହିଥିଲେ। ମେଳାରେ ପ୍ରଚାର ପରେ ଚଳିତବର୍ଷ ଦାରିଙ୍ଗବାଡ଼ିକୁ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବା ନେଇ ହୋଟେଲ ସଂଘ ଆଶାବାଦୀ ରହିଛି। ପଶ୍ଚିମବଙ୍ଗ ପର୍ଯ୍ୟଟକମାନେ ଦାରିଙ୍ଗବାଡ଼ିର ପରିବେଶକୁ ଆଗ୍ରହ ପ୍ରକାଶ କରୁଥିବା ବେଳେ ଏବେ ଦେଶର ବିଭିନ୍ନ ପ୍ରାନ୍ତରୁ ପର୍ଯ୍ୟଟକ ମାନେ ମଧ ଦାରିଙ୍ଗବାଡ଼ି ସମ୍ପର୍କରେ ଆଗ୍ରହ ପ୍ରକାଶ କରିଥିବା ହୋଟେଲ ସଂଘର ସଦସ୍ୟ ଦିଲୀପ କୁମାର ସାହୁ କହିଛନ୍ତି। ସେହିପରି ବହୁ ପର୍ଯ୍ୟଟକ ସେମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ, ରାତ୍ରୀଯାପନ ସହ ଖାଇବା, ବୁଲିବା ଆଦି ସୁବିଧା କରିବାକୁ ଦାରିଙ୍ଗବାଡ଼ି ହୋଟେଲ ସଂଘକୁ ନିବେଦନ କରିଛନ୍ତି । ତେବେ ଏ ସମ୍ପର୍କରେ ସଂଘ ସ୍ଥାନୀୟ ପ୍ରଶାସନ ସହ ଆଲୋଚନା କରି ପର୍ଯ୍ୟଟକମାନଙ୍କ ସୁବିଧା, ସାମାଜିକ ସୁରକ୍ଷା ଦିଗରେ ପଦକ୍ଷେପ ନେବ ବୋଲିଜଣାପଡ଼ିଛି।ସୂଚନାଯୋଗ୍ୟ, କୋଲକାତା ନେତାଜୀ ଇନଡୋର ଷ୍ଟାଡିୟମ କମ୍ପ୍ଲେକ୍ସଠାରେ ଏହି ମେଳା ଅନୁଷ୍ଠିତ ହୋଇଥିଲା ।

# ରୋଚକ ମୋଡ଼ରେ ଗୁଣପୁର ଲ୍ୟାମ୍ପସ ନିର୍ଦ୍ଦେଶକ ନିର୍ବାଚନ ପ୍ରଚାର

ଗୁଣପୁର,୧୬।୬(ଡି.ଏନ୍.ଏ.)

**ଲ୍ୟାମ୍ପସ ଇତିହାସରେ ପ୍ରଥମ**

ରାୟଗଡ଼ା ଜିଲା ଗୁଣପୁର ଲ୍ୟାମ୍ପସ ନିର୍ଦ୍ଦେଶକ ନିର୍ବାଚନ ଏବେ ରୋଚକ ମୋଡ଼ରେ। ପ୍ରଚାର ଏବେ ଜୋରଦାର ହୋଇଛି। ଘରଘର ଏବଂ ଗାଁ ଗାଁ ବୁଲି ପ୍ରାର୍ଥୀ ପ୍ରଚାର କରିବା ଲ୍ୟାମ୍ପସ ଇତିହାସରେ ପ୍ରଥମ ଘଟଣା ହୋଇଛି। ପଞ୍ଚାୟତ ନିର୍ବାଚନ ଠାରୁ ବଳି ପଡ଼ିଛି ଏହି ନିର୍ବାଚନ। ୧୯ ତାରିଖରେ ମତଦାନ ହେବ। ହାତରେ ଆଉ ମାତ୍ର ଦୁଇ ଦିନ। ୧୫ଟି ନିର୍ଦ୍ଦେଶକ ପଦ ପାଇଁ ୪୩ ଜଣ ପ୍ରାର୍ଥୀ ରହିଛନ୍ତି। ୧୫୧୬ ଭୋଟର ୪୩ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ୧, ୨, ୭, ୧୦,୧୨, ୧୩, ୧୫, ଆଦିବାସୀଙ୍କ ପାଇଁ ସଂରକ୍ଷିତ ରହିଛି। ୯,୧୧ ଓ ୧୪ ଆଦିବାସୀ ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିବାବେଳେ ୩, ୪, ୫, ୬ ଓ ୮ ନିର୍ବାଚନ ମଣ୍ଡଳୀ ତଥା ଜୋନ୍ ଅଣ ସଂରକ୍ଷିତଙ୍କ ପାଇଁ ଉଦ୍ଦିଷ୍ଟ ରହିଛି। ୧ ଜୋନ୍‌ରେ ୫୨, ୨-୧୯, ୩-୨୪, ୪-୨୮, ୫-୪୬, ୬-୪୭, ୭-୭୭, ୮-୭୦,୯-୯୮,୧୦-୧୪୪,୧୧-୧୯୨,୧୨-୩୦୪,୧୩-୨୬୨,୧୪-୧୦୮ ଏବଂ ୧୫ରେ ୪୫ ଭୋଟର ରହିଛନ୍ତି। ନିର୍ବାଚନ ପାଇଁ ସମୁଦାୟ ୫୧ଟି ପ୍ରାର୍ଥିପତ୍ର ଦାଖଲ ହୋଇଥିଲା। ନାମାଙ୍କନ ପତ୍ର ଯାଞ୍ଚ ପରେ ସେଥିରୁ ୮ଟି ନାମାଙ୍କନ ପତ୍ର ନାକଚ ହୋଇଥିଲା। ଫଳରେ ୪୩ ଜଣଙ୍କ ପ୍ରାର୍ଥିପତ୍ର କାଏମ ରହିଥିଲା। ଏହି ନିର୍ବାଚନ ତ୍ରିକୋଣୀୟ ହୋଇପଡ଼ିଛି । ଗୋଟିଏ ପଟେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶ୍ୱିନି ଗମାଙ୍ଗ, ବାଳି ଗମାଙ୍ଗ ରହିଥିବାବେଳେ ଅନ୍ୟପଟେ ପୂର୍ବତନ ଲ୍ୟାମ୍ପସ ସଭାପତି ଗୌରି ଗମାଙ୍ଗ, ଗୌରି ଦାସ ଓ ଦେବେନ୍ଦ୍ର ଚୌଧୁରି ଅଛନ୍ତି। ଅନ୍ୟ ଏକ ଗୋଷ୍ଠୀରେ ବର୍ତ୍ତମାନର ଗୁଣପୁର ପୌରାଞ୍ଚଳର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼ଙ୍କ ଗୋଷ୍ଠୀ ରହିଛି। ଏପରି ୩ଟି ଗୋଷ୍ଠୀ ପକ୍ଷରୁ ସେମାନେ ଏବଂ ସେମାନଙ୍କ ସମର୍ଥକ ପ୍ରାର୍ଥୀ ହୋଇଥିବାରୁ ତ୍ରିକୋଣୀୟ ନିର୍ବାଚନ ହୋଇଛି। ସମସ୍ତେ ନିର୍ବାଚନରେ ବିଜୟ ଲାଭକରିବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ ଜାରି ରଖିଛନ୍ତି। ଲ୍ୟାମ୍ପସ ଦଖଲ କରିବାସମସ୍ତଙ୍କ ପାଇଁ ସମ୍ମାନର ପ୍ରଶ୍ନ ପାଲଟିଛି। ହେଲେ ଭୋଟର କାହାର ଭାଗ୍ୟ ନିର୍ଦ୍ଧାରଣ କରୁଛନ୍ତି ତାହାକୁ ଅପେକ୍ଷା।

# ଜିଲା ପ୍ରଶାସନ ପକ୍ଷରୁ ରଜ ଉତ୍ସବ

ପାରଳାଖେମୁଣ୍ଡି,୧୬।୬(ଡି.ଏନ୍.ଏ.)

ଗଜପତି ଜିଲା ପ୍ରଶାସନ ପକ୍ଷରୁ ରଜ ଉତ୍ସବ ପାଳନ କରାଯାଇଛି। ଜିଲା ସଂସ୍କୃତି ବିଭାଗ ପକ୍ଷରୁ ପାରଳାଖେମୁଣ୍ଡି ଟାଉନ ହଲ ପରିସରରେ ଆୟୋଜିତ ରଜ କାର୍ଯ୍ୟକ୍ରମକୁ ଜିଲାପାଳ ଲିଙ୍ଗରାଜ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିବା ବେଳେ ପାରଳାଖେମୁଣ୍ଡି ପୌର ପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମହେଶ୍ୱର ନାୟକ, ଅତିରିକ୍ତ ଜିଲାପାଳ, ନିର୍ବାହୀ ଅଧିକାରୀ ପ୍ରମୁଖ ଯୋଗ ଦେଇ ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ଆଗାମୀ ଯୁବପିଢୀ ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅନାଥାଶ୍ରମର ଝିଅମାନଙ୍କ ସହ ବିଭିନ୍ନ ଅନୁଷ୍ଠାନର ଯୁବତୀ ଓ ମହିଳାମାନେ ଦୋଳିରେ ଝୁଲି ରଜ ଉତ୍ସବର ମଜା ଉଠାଇଥିଲେ। କାର୍ଯ୍ୟକ୍ରମରେ ରଜପାନ ସହ ବିଭିନ୍ନ ପ୍ରକାରର ପିଠାପଣା ବଣ୍ଟାଯିବା ସହ ନାଚ ଗୀତରେ ମସଗୁଲ ହୋଇଥିଲେ ଝିଅ ଓ ମହିଳାମାନେ। ଏହି ଅବସରରେ ଝିଅମାନେ ଓଡ଼ିଶୀ ନୃତ୍ୟ ସହ ରଜ ସମ୍ପର୍କିତ ଗୀତ ନାଚ ପରିବେଷଣ କରିଥିଲେ। ଶ୍ରେଷ୍ଠ ପ୍ରଦର୍ଶିତ କାର୍ଯ୍ୟକ୍ରମକୁ ଜିଲା ପ୍ରଶାସନ ପକ୍ଷରୁ ପୁରସ୍କୃତ କରାଯାଇଥିଲା।

## ଚନ୍ଦ୍ରଶେଖର ମହାପ୍ରଭୁଙ୍କ ଉନ୍ନତି ଲାଗି ସହାୟତା

କବିସୂର୍ଯ୍ୟନଗର,୧୬।୬(ଡି.ଏନ.ଏ.)

କବିସୂର୍ଯ୍ୟନଗର ଖାରିଆ ମୁକୁନ୍ଦପୁର ଶାସନ ସ୍ଥିତ ଶ୍ରୀଚନ୍ଦ୍ରଶେଖର ମହାପ୍ରଭୁଙ୍କ ଉନ୍ନତି ଲାଗି ସହାୟତା ପ୍ରଦାନ କରାଯାଇଛି। ବହୁ ପୁରାତନ ମନ୍ଦିରର ଉନ୍ନତି ଲାଗି ଶିଳ୍ପପତି, ସମାଜସେବୀ ତଥା ଭାଜପା ଯୁବନେତା ଶ୍ୱେତ ଦୋରା ଏକ ଚେକ (୫୦ହଜାର) କାଉନସିଲରଙ୍କ ପ୍ରତିନିଧି ଛବି ପାଣିଙ୍କୁ ପ୍ରଦାନ କରିଛନ୍ତି। ସାଥିରେ ପ୍ରମୋଦ ପଣ୍ଡାଙ୍କ ସମେତ ରମେଶ ଚନ୍ଦ୍ର ବେହେରା, ବିଶ୍ୱଜିତ ମହାପାତ୍ର, ତପନ କୁମାର ନାହାକ ପ୍ରମୁଖ ଉପସ୍ଥିତ ଥିଲେ।

# ୧୦ କୁଇଣ୍ଟାଲ ଗଞ୍ଜେଇ ଜବତ



ଜବତ ଗଞ୍ଜେଇ ସହ ଗାଡ଼ି ।

ଆର.ଉଦୟଗିରି,୧୬।୬(ଡି.ଏନ.ଏ.)

ଗଜପତି ଏସ୍‌ପି ଜୟରାମ ଶତପଥୀଙ୍କ ନିର୍ଦ୍ଦେଶକ୍ରମେ ଅଡବା ଥାନା ଅଧିକାରୀ ଓ ତାଙ୍କ ଟିମ୍ ରାତିରେ ପାଟ୍ରୋଲିଂ କରୁଥିବା ବେଳେ ଗଞ୍ଜେଇ ଜବତ କରିଛନ୍ତି। ପାଟ୍ରୋଲିଂ ଟିମ୍ ଝରଣପୁର ଛକ ନିକଟରେ ଏକ ଗାଡ଼ି (ନଂ.ଓଡ଼ି୦୭ପି୩୪୫୧)କୁ ଅଟକାଇ ଥିଲେ। ପୋଲିସକୁ ଦେଖି ଚାଳକ ଚମ୍ପଟ ମାରିଥିଲେ। ଉକ୍ତ ୪୦୭ ଗାଡ଼ିଟିକୁ ଯାଞ୍ଚ କରିବାରେ ସେଥିରୁ କେତେକ ଅଖାରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଉକ୍ତ ଗଞ୍ଜେଇକୁ ତହସିଲଦାର କିଶୋର ଚନ୍ଦ୍ର ଦାଶଙ୍କ ଉପସ୍ଥିତିରେ ଓଜନ କରିବାରୁ ତାହା ୧୦ କୁଇଣ୍ଟାଲ ଜଣାପଡ଼ିଥିଲା। ଯାହାର ବଜାର ମୂଲ୍ୟ ଏକ କୋଟି ଟଙ୍କା ହେବ ବୋଲି ଥାନା ଅଧିକାରୀ ପାତ୍ର ସୂଚନା ଦେଇଛନ୍ତି।

# ଅସନ୍ତୋଷ ସତ୍ତ୍ୱେ ମୁନିଗୁଡ଼ା ବସ୍‌ଷ୍ଟାଣ୍ଡରୁ ଉଚ୍ଛେଦ ଆରମ୍ଭ

ମୁନିଗୁଡ଼ା,୧୬।୬(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ା ସ୍ଥିତ ଶହୀଦ ଲକ୍ଷଣ ନାୟକ ବସାଷ୍ଟାଣ୍ଡରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ସ୍ଥାନୀୟ ଅଞ୍ଚଳବାସୀ ଓ ବସଷ୍ଟାଣ୍ଡ ସ୍ଥିତ ବେପାରି ମାନଙ୍କ ଅନିଚ୍ଛା ଏବଂ ଅସନ୍ତୋଷ ସତ୍ତ୍ୱେ ଉଚ୍ଛେଦ କାର୍ଯ୍ୟ ଚାଲିଛି। ଉଚ୍ଛେଦ ନେଇ ପୂର୍ବରୁ ମୁନିଗୁଡ଼ା ତହସିଲ ତରଫରୁ ବେପାରି ମାନଙ୍କୁ ନୋଟିସ ଦିଆଯାଇଥିଲା। ହେଲେ ବସଷ୍ଟାଣ୍ଡ ପରିସରରେ ଦୀର୍ଘ ଦିନରୁ ଜୀବନ ଜୀବିକାକୁ ନେଇ ବଞ୍ଚୁଥିବା କ୍ଷୁଦ୍ର ବେପାରିମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବନଦୁର୍ଗା ମନ୍ଦିର ସମ୍ମୁଖ ସ୍ଥାନରେ ନୂତନ ବସଷ୍ଟାଣ୍ଡ କରାଇବା ସହ ସହର ମଧ୍ୟସ୍ଥ ଏହି ସ୍ଥାନକୁ ଅଟୋ ଏବଂ ଟ୍ୟାକ୍ସି ରହଣି ଓ କ୍ଷୁଦ୍ର ବେପାରିଙ୍କ ନିମନ୍ତେ ରଖାଯାଉ ବୋଲି ବିଭାଗୀୟ ଅଧିକାରୀ, ରାୟଗଡ଼ା ଜିଲାପାଳଙ୍କୁ ବ୍ୟବସାୟୀମାନେ ଜଣାଇଥିଲେ। ତେବେ ପ୍ରସାଶନ ଧାର୍ଯ୍ୟ ସମୟରେ ଉଚ୍ଛେଦ କାର୍ଯ୍ୟ କରିଛି। ଉଚ୍ଛେଦ ସମୟରେ ବସଷ୍ଟାଣ୍ଡ ପରିସରରେ ଥିବା ତ୍ରିନାଥ ମନ୍ଦିର ମଧ ମାଟିରେ ମିଶିଯାଇଛି।

ସୂଚନାଯୋଗ୍ୟ ଏହି ବସ୍‌ଷ୍ଟାଣ୍ଡ ପରିସର ମଧରେ ମୁନିଗୁଡ଼ା ପଞ୍ଚାୟତ ପକ୍ଷରୁ ଅନେକ ଦୋକାନ ଘର, ଶୌଚାଳୟ ଭଡ଼ା ସୂତ୍ରରେ ବେପାରି ମାନଙ୍କୁ ଦିଆଯାଇଥିଲା। ପଞ୍ଚାୟତ ତରଫରୁ ଥଇଥାନ ବେପାରିମାନେ ଅନ୍ୟ ଉପାୟ ନ ପାଇ ଉଚ୍ଛେଦ ଉପରେ ରୋକ ଲଗାଇବା ପାଇଁ କୋର୍ଟର ଆଶ୍ରୟ ନେଇ କିଛି ଦିନର ଆଶ୍ୱସ୍ତି ପାଇଥିଲେ। ସେମାନଙ୍କ ଠାରୁ ଅଧିକ ବେପାରି ଏହି ଉଚ୍ଛେଦ ପ୍ରକ୍ରିୟାରେ ବେଘର ହୋଇଯାଇଥିବା ଜଣାପଡ଼ିଛି। ବର୍ଷା ଦିନ ପହଞ୍ଚିଥିବାବେଳେ ଉଚ୍ଛେଦ ପରିବାର ପିଲାଅା ନେଇ କେଉଁଠି ରହିବେ ଚିନ୍ତାରେ ପଡ଼ିଥିବା କହିଛନ୍ତି। ତେଣୁ ଏହି କ୍ଷୁଦ୍ର ବେପାରିମାନଙ୍କ ଜୀବନ ଜୀବିକା ଓ ବାସସ୍ଥାନର ବ୍ୟବସ୍ଥା ପ୍ରଶାସନ କରିବାକୁ ଦାବି ହୋଇଛି। ଉଚ୍ଛେଦ ପ୍ରକ୍ରିୟାରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ବିଷମକଟକ ତହସିଲଦାର ଶୁଭେନ୍ଦୁ କୁମାର ଜେନା, ମୁନିଗୁଡ଼ା ତହସିଲଦାର ଦେବାଶିଷ ଗୌଡ଼, ବିଷମକଟକ ଏସ୍‌ଡିପିଓ ଆକାଶ ଚନ୍ଦ୍ର ସାହୁ, ମୁନିଗୁଡ଼ା ଆଇଆଇସି ସୁଜ୍ଞାନୀ ସାହୁଙ୍କ ସମେତ ମୁନିଗୁଡ଼ା, ଅମ୍ବାଦଳା ପୋଲିସ ଟିମ୍, ସିଆର୍‌ପିଏଫ ବାହିନୀ, ଓଡ଼ିଶା ଆର୍ମ ଫୋର୍ସ ମୁତୟନ ଥିଲେ। ମୁନିଗୁଡ଼ା ତିନିକୋନିଆ ଛକରୁ ମେଡିକାଲ ଛକ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ଥିବା ଦୋକାନ ଉଚ୍ଛେଦ ପାଇଁ ମଧ ସତର୍କ ସୂଚନା ଦେଇଥିବା ଜଣାପଡ଼ିଛି।



ବସ୍‌ଷ୍ଟାଣ୍ଡ ପରିସରରେ ଉଚ୍ଛେଦ କାର୍ଯ୍ୟ ଚାଲିଛି।

**ଚିନ୍ତାରେ କ୍ଷୁଦ୍ର ବେପାରୀ**

